## ସଂକ୍ଷେପରେ

### ୨ ନାଗୁଣୀ ସହ ୪୫ ଛୁଆ ଉଦ୍ଧାର

ଭଦ୍ରକ ଅଫିସ, ୨୩।୬: ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରେ ଏବେ ସାପ ଆତଙ୍କ ଦେଖାଦେଇଛି। ସପ୍ତାହକ ତଳେ ପ୍ରଥମେ ଧାମନଗର ବ୍ଲକର କେତେକ ସ୍ଥାନ, ପରେ ତିହିଡ଼ି ଓ ଭଦ୍ରକର କେତେକ ସ୍ଥାନରୁ ସାପ ଉଦ୍ଧାର କରାଯାଇଥିଲା। ଶନିବାର ଭଦ୍ରକ ବ୍ଲକ ଆର୍‌ଏନ୍ ବେତରା ପଞ୍ଚାୟତ ବିରିପଡ଼ା ଗ୍ରାମର ରବୀନ୍ଦ୍ରନାଥ ଜେନାଙ୍କ ଘରୁ ସାପଧରାଳି ସେକ୍ ମିର୍ଜା ୨ଟି ନାଗୁଣୀ ସହ ୫୦ରୁ ଉର୍ଦ୍ଧ୍ୱ ଅଣ୍ଡା ଓ ୪୫ ନାଗ ଛୁଆ ଉଦ୍ଧାର କରିଛନ୍ତି। ରବୀନ୍ଦ୍ରଙ୍କ ଚାଳଘର ଚଟାଣରୁ ଏହିସବୁ ସାପ ଉଦ୍ଧାର ହୋଇଥିବା ଜଣାପଡ଼ିଛି। ଶନିବାର ପୂର୍ବାହ୍ନରେ ମିର୍ଜା ତାଙ୍କ ସହଯୋଗୀଙ୍କ ସହ ସେଠାରେ ପହଞ୍ଚି ଘରର ଚଟାଣ ଖୋଳିଥିଲେ। ୬ ଘଣ୍ଟାର ପରିଶ୍ରମ ପରେ ସେ ୨ଟି ନାଗୁଣି ଧରିବା ସହ ଛୁଆଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ସାପଗୁଡ଼ିକୁ ରବିବାର ବନ ବିଭାଗକୁ ହସ୍ତାନ୍ତର କରାଯାଇଛି।

### ପୁରାତନ ବିଦ୍ୟାର୍ଥୀଙ୍କ ବନ୍ଧୁମିଳନ



ଭଣ୍ଡାରିପୋଖରୀ, ୨୩।୬ (ଡି.ଏନ.ଏ.): ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରିସ୍ଥିତ ବଳଦେବଜୀଉ ହାଇସ୍କୁଲର ୨୦୧୬ ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ମହାରଣା ଅଧକ୍ଷତା କରିଥିଲେ। ସରପଞ୍ଚ ମନୋଜ ନାୟକ ମୁଖ୍ୟଅତିଥି, କବି ଗୋଲକ ମହାନ୍ତି ମୁଖ୍ୟବକ୍ତା ଏବଂ ଅଧାପକ ଅନାଦି ଚରଣ ସାହୁ, ଶିକ୍ଷକ ଗୌରୀଶଙ୍କର ମିଶ୍ର, ଅମୂଲ୍ୟ ମଲ୍ଲିକ, କେଦାରସନ ମଲ୍ଲିକ, ଇନ୍ଦ୍ରଜିତ୍ ମଲ୍ଲିକ, ଶୁଭେନ୍ଦୁ ମଲ୍ଲିକ, ସେକ୍ ଇମାମୁଲ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଗୁରୁ ଶିଷ୍ୟଙ୍କ ମଧରେ ସୁସମ୍ପର୍କ ରହିଲେ ସମାଜ ପ୍ରଗତି ପଥରେ ଆଗେଇ ପାରିବ। ଛାତ୍ରୀଛାତ୍ର ସ୍ୱପ୍ନ ଦେଖିବା ଓ ସ୍ୱପ୍ନକୁ ସାକାର କରାଇବାରେ ଗୁରୁମାନେ ମାର୍ଗଦର୍ଶକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ମୋ ସ୍କୁଲ କାର୍ଯ୍ୟକ୍ରମରେ ସାମିଲ ହେବା ସହ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ ଭଳି କାର୍ଯ୍ୟକ୍ରମ ହାତକୁ ନେଇଥିଲେ। ସେମାନେ ନିଜ ନିଜର ଛାତ୍ର ଜୀବନ ଅନୁଭୂତି ପ୍ରକାଶ କରିଥିଲେ। ବିଦ୍ୟାଳୟର ଉନ୍ନତି ପାଇଁ ସରପଞ୍ଚ ଛାତ୍ରୀଛାତ୍ରଙ୍କ ସହଯୋଗ ଲୋଡ଼ିଥିଲେ। ଶିକ୍ଷକ ଗୌରୀଶଙ୍କର ମିଶ୍ର ଅତିଥି ପରିଚୟ ପ୍ରଦାନ ଓ ଇନ୍ଦ୍ରଜିତ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀ ଇତିଶ୍ରୀ ମଲ୍ଲିକ, ସରିତା ସେଠୀ, ରତ୍ନପୂର୍ଣ୍ଣା ପାଢୀ, ରବୀନ୍ଦ୍ର ବେହେରା, ଶୁଭେନ୍ଦୁ ମହାନ୍ତି ଓ ବିକ୍ରମ ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବରିଷ୍ଠ ନାଗରିକ ସମ୍ବର୍ଦ୍ଧିତ



ଚାନ୍ଦବାଲି, ୨୩।୬ (ଡି.ଏନ.ଏ): ଚାନ୍ଦବାଲି ବ୍ଲକ ମତୋ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍ ତଥା ବରିଷ୍ଠ ନାଗରିକ ପଞ୍ଚାନନ ପଲାଇଙ୍କୁ ରବିବାର କଟକ ରାଜାବଗିଚା ଲେବର କଲୋନୀ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ମତୋ ପଞ୍ଚାୟତ ସଭାଗୃହରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ମତୋ ଆଞ୍ଚଳିକ ବରିଷ୍ଠ ନାଗରିକ ପରିଷଦର ଉପସଭାପତି ସାଧୁଚରଣ ନାୟକ ଏଥିରେ ଅଧକ୍ଷତା କରିଥିଲେ। ରାଜା ବଗିଚା ଲେବର କଲୋନୀ ବରିଷ୍ଠ ନାଗରିକ ପରିଷଦର କର୍ମକର୍ତ୍ତା ମାଧବାନନ୍ଦ ବେହେରା, ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଶିଶିର କୁମାର ରଥ ଓ ଦେବାଶିଷ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷାବିତ୍ ବିଷ୍ଣୁମୋହନ ମହାପାତ୍ର, ସମ୍ପାଦକ ବ୍ରହ୍ମାନନ୍ଦ ପରିଡ଼ା, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ରବୀନ୍ଦ୍ର ରଣା, ନବଘନ ସାମଲ, ସୂର୍ଯ୍ୟମଣି ସାହୁ ପ୍ରମୁଖ ବରିଷ୍ଠ ନାଗରିକ ପଲାଇଙ୍କ ଛାତ୍ରବତ୍ସଳତା ଓ ସଂଗଠନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସରପଞ୍ଚ ମୁକ୍ତିକାନ୍ତ ସେଠୀ, ପୂର୍ବତନ ସରପଞ୍ଚ ଅଭୟ ସାହୁ, ନରହରି ଦାସ, ସଜନ ସୁନ୍ଦର ସେଠୀ ଓ ଅଶୋକ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରକୃତିର ସୌନ୍ଦର୍ଯ୍ୟ ଓ ଶବ୍ଦର ଛନ୍ଦରେ ହଜେ ତାଙ୍କ ଦିନ

(ଅଜିତ କୁମାର ରାଉତ)
ଧାମନଗର, ୨୩।୬

- ଚିତ୍ରକଳା ଦେଇଛି ରୋଜଗାର
- ପ୍ରତିଭାକୁ ନେଇ ପେଟ ପୋଷୁଛନ୍ତି ଗ୍ରାମୀଣ କଳାକାର ବୁଦ୍ଧିଆ



ବାହାଘର ଲାଗି କାନ୍ଥରେ ଚିତ୍ର ଆଙ୍କୁଛନ୍ତି ବୁଦ୍ଧିଆ।

ବଣମଲ୍ଲୀ ଭଳି ଆଜି ବି ଅନେକ ଗ୍ରାମୀଣ କଳାକାର ଅବହେଳିତ ଅବସ୍ଥାରେ ରହିଛନ୍ତି। ସେମାନେ ବହୁମୁଖୀ ପ୍ରତିଭାର ଅଧିକାରୀ ହୋଇଥିଲେ ବି ନା ମିଳୁଛି ସ୍ୱୀକୃତି ନା ପ୍ରୋତ୍ସାହନ। ପେଟ ପାଟଣା ଲାଗି କଳାକୁ ଆଶ୍ରୟ କରି ସେମାନେ ନିରନ୍ତର ସଂଘର୍ଷ କରିଚାଲିଛନ୍ତି। ଭଦ୍ରକ ଜିଲା ଧାମନଗର ବ୍ଲକ କୋଠାର ପଞ୍ଚାୟତ ପତ୍ରୀସାହିର ବୁଦ୍ଧିଆ ଯେନା ଓରଫ ଧୁବୁଲା(୪୮) ଚିତ୍ରକଳା ଅଙ୍କନରେ ଯେଭଳି ଧୁରନ୍ଧର, ଗୀତ ବୋଲିବାରେ ମଧ ସେଭଳି ମାହିର୍। କାନ୍ଥ ଓ ପ୍ରାଚୀରରେ ଚିତ୍ର ଅଙ୍କନରେ ସେ ପ୍ରତିଭା ଓ କଳାଚାତୁରି ପ୍ରଦର୍ଶନ କରି ଆଖପାଖ ଅଞ୍ଚଳରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ବାହାଘର, ବ୍ରତଘର ଓ ଜନ୍ମଦିନ ପାଳନ ଲାଗି ଲୋକେ ବୁଦ୍ଧିଆଙ୍କୁ ଖୋଜିଥାନ୍ତି। ସେ ରଙ୍ଗତୂଳୀରେ ପ୍ରକୃତିର ଶୋଭାକୁ ନେଇ ସୁନ୍ଦର ଚିତ୍ର ଆଙ୍କିଥାନ୍ତି। ବାହାଘର ଓ ବ୍ରତଘର ଲାଗି କାନ୍ଥରେ ସୁନ୍ଦର ଚିତ୍ର ଆଙ୍କି ବହୁପ୍ରଶଂସା ମଧ ସାଉଣ୍ଟିଛନ୍ତି। ପାରିଶ୍ରମିକ ପାଇଁ ସେ କେବେ କାହା ସହ କିଛି ମୁଲ୍‌ଚାଲ କରନ୍ତି ନାହିଁ। ଲୋକେ ଆସି ତାଙ୍କୁ ଡାକି ନେଇ ଖୁସିରେ ଉଚିତ ପାରିଶ୍ରମିକ ଦେଇଥାନ୍ତି। ଏହି ଚିତ୍ରାଙ୍କନ ପନ୍ଥା ତାଙ୍କ ଲାଗି ପାଲଟିଛି ଜୀବନ ଜୀବିକାର ସାଥୀ। ଦେଇଛି ରୋଜଗାର। ବୁଦ୍ଧିଆ କହନ୍ତି, ଚିତ୍ର ଆଙ୍କିବା ଲାଗି ସେ କୌଣସି ଗୁରୁଙ୍କୁ ଧରି କିଛି ଶିଖି ନାହାନ୍ତି। ତାଙ୍କ ମାନସପଟରେ ଉଙ୍କି ମାରୁଥିବା କଳ୍ପନାକୁ ସେ ଅବିକଳ ଚିତ୍ରରେ ପ୍ରକାଶ କରିଥାନ୍ତି। ପିଲାଦିନୁ ଗୀତ ଗାଇ ଜଣେ କଣ୍ଠଶିଳ୍ପୀଙ୍କ ପରିଚୟ ପାଇପାରିଛନ୍ତି। ଈଶ୍ୱରଙ୍କ ଫଟୋ, ନୀଳ ଆକାଶ, ଫୁଲ ବଗିଚା ଭଳି ମନଲୋଭା ପ୍ରାକୃତିକ ଦୃଶ୍ୟ ଦେଖିଲେ ତାଙ୍କ ମୁହଁରୁ ବାହାରି ଆସେ ଆପେ ଆପେ ଭଜନ ଓ କବିତାର ଛନ୍ଦ।

ଭଦ୍ରକ ଜିଲା ଧୂଷୁରୀ ବଜାରରେ ସବୁବେଳେ ବସାଉଠା କରି ସେ ଗ୍ରାହକଙ୍କୁ ଅପେକ୍ଷା କରିଥାନ୍ତି। ଶିକ୍ଷିତ ଦୋକାନୀମାନେ ତାଙ୍କୁ ଜଣେ କଳାକାର ଭାବେ ସମ୍ମାନ ଓ ଶ୍ରଦ୍ଧା ପ୍ରଦର୍ଶନ କରନ୍ତି। କେହି କେହି ତାଙ୍କୁ ଡାକି ଚା’ ଜଳଖିଆ ଦେଇଥାନ୍ତି। କେହି କେବେ ଅନୁରୋଧ କଲେ ସେ ଗୀତ ବୋଲି ଶୁଣାଇଥାନ୍ତି। ତାଙ୍କ ମନରେ ଉଙ୍କି ମାରୁଥିବା ପଦାବଳି ସେ କାଗଜକଲମରେ ମଧ ଟିପି ରଖନ୍ତି। ଏଭଳି ଅନେକ ଭଜନ, କବିତା, ଆଧୁନିକ ଗୀତ ରଚନା କରିଛନ୍ତି। ଧୂଷୁରୀ ବଜାର ମଣ୍ଟୁ କମ୍ୟୁନିକେସନ ମାଲିକ ଜୀବନାନନ୍ଦ ନାୟକ କହିଛନ୍ତି, ବୁଦ୍ଧିଆଙ୍କ କଣ୍ଠରୁ ସ୍ୱର୍ଗତ ଭିକାରୀ ବଳଙ୍କର ଅବିକଳ ଭଜନ ଶୁଣିବାକୁ ଲୋକେ ଭିଡ଼ ଜମାନ୍ତି। ସନ୍ଧ୍ୟା ହେଲେ ଗାଁ ଭାଗବତ ଟୁଙ୍ଗିରେ ଭଜନକୀର୍ତ୍ତନରେ ଯୋଗଦେଇ ସେ ଗ୍ରାମବାସୀଙ୍କୁ ଆନନ୍ଦ ଦେଇଥାନ୍ତି। ଏତେସବୁ ପ୍ରତିଭାର ଅଧିକାରୀ ବୁଦ୍ଧିଆ ନିଜ ଗାଁ ପ୍ରାଥମିକ ବିଦ୍ୟାଳୟ ଉପରକୁ ଉଠି ପାରିନାହାନ୍ତି। ଗରିବ ପରିବାରରେ ଜନ୍ମ ହୋଇଥିବାରୁ ଅଳ୍ପ ବୟସରୁ ପରଘରେ ଚାକିରି କରିବା ଆରମ୍ଭ କରିଥିଲେ। ବଡ଼ ହେବା ପରେ ମୂଲ ମଜୁରି ଲାଗିଲେ। ବିଲରେ ଚାଷ କରିବା ବେଳେ ଭଜନ ବୋଲି ସେ ଅନ୍ୟମାନଙ୍କୁ ଆନନ୍ଦ ଦେଉଥିଲେ। ଇଂଲିଶ ପାଠ ପଢି ନ ଥିଲେ ବି ବାହାଘର ଓ ବ୍ରତଘରରେ କାନ୍ଥରେ ସୁନ୍ଦର ଡିଜାଇନ୍‌ରେ ଇଂଲିଶ, ଓଡ଼ିଆ ଅକ୍ଷରରେ ବାର୍ତ୍ତା ଲେଖିଥାନ୍ତି। ଅଭ୍ୟାସ ଓ ଉତ୍ସାହ ବଳରେ ଉଭୟ କଳା ଏବଂ ବିଦ୍ୟାକୁ ନିଜର କରି ସେ ବଞ୍ଚିବା ଲାଗି ବାଟ ଫିଟାଇ ପାରିଛନ୍ତି। ରାଜ୍ୟ ସରକାର ଗ୍ରାମୀଣ କଳାକାରଙ୍କ ଲାଗି ସହାୟତା ଘୋଷଣା କରିଥିଲେ ମଧ ତାଙ୍କୁ ୫୦ ବର୍ଷ ବୟସ ହୋଇ ନ ଥିବାରୁ ସେ ଏଥିରୁ ବଞ୍ଚିତ ରହିଛନ୍ତି।

## ବରିଷ୍ଠ ନାଗରିକ ପରିଷଦର ଭ୍ରାମ୍ୟମାଣ ବୈଠକ

ଧାମନଗର, ୨୩।୬ (ଡି.ଏନ.ଏ.)

ଧାମନଗର ବ୍ଲକ ଦୋବଲ କାଳୀପଡ଼ିଆ ଯଜ୍ଞ ମଣ୍ଡପରେ ସ୍ଥାନୀୟ ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ୫ମ ଭ୍ରାମ୍ୟମାଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଘଣ୍ଟେଶ୍ୱର ସାହୁ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ରବୀନ୍ଦ୍ରନାଥ କର ଏବଂ ଅନ୍ୟତମ ଅତିଥି ଭାବେ ବିଷ୍ଣୁଚରଣ ଦାସ, ପରିଷଦ ସମ୍ପାଦକ ସଚ୍ଚିକାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇ ପ୍ରଥମେ ସ୍ୱର୍ଗତ ନବକିଶୋର ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ। ବୈଠକରେ ଧାମନଗରରେ ଗମନାଗମନ, ଟ୍ରାଫିକ ସମସ୍ୟା, ସ୍ୱାସ୍ଥ୍ୟସେବା ଓ ବିଦ୍ୟୁତ୍ ସମସ୍ୟା ସମ୍ପର୍କରେ ଆଲୋଚନା ହେବା ସହ ବରିଷ୍ଠ ନାଗରିକମାନଙ୍କୁ ପୋଲିସର ସହାୟତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଶିକ୍ଷାବିତ୍ ସନ୍ତୋଷ ରଥ, ମହେଶ୍ୱର ସ୍ୱାଇଁ, ଅଭିମନ୍ୟୁ ମଲ୍ଲିକ, ପରିଷଦର ଉପସଭାପତି ଅନୀଲ କୁମାର ବାରିକ ଓ ଭାସ୍କର ଚନ୍ଦ୍ର ସାମଲ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶେଷରେ ନିରାକାର ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଚିକିତ୍ସା ପାଇଁ ଏମ୍‌ସରେ ଭର୍ତ୍ତି ହେଲେ ଶୀତଲ

ଭଦ୍ରକ ଅଫିସ, ୨୩।୬



ଏମ୍‌ସରେ ଶୀତଲଙ୍କ ଚିକିତ୍ସା ଚାଲିଛି।

୧୧ ମାସ ପୂର୍ବେ ଭଦ୍ରକ ରାହାଞ୍ଜ ଟ୍ରକ୍ ଦୁର୍ଘଟଣାରେ ଆହତ ହୋଇଥିବା ଶୀତଲ ସାହୁଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବେ ବୋଲି ସ୍ଥାନୀୟ ବିଧାୟକ ସଞ୍ଜୀବ ମଲ୍ଲିକ ନିକଟରେ ଘୋଷଣା କରିଥିଲେ। ବିଧାୟକ ମଲ୍ଲିକଙ୍କ ଉଦ୍ୟମକ୍ରମେ ଜିଲା ପ୍ରଶାସନର ମିଳିତ ସହାୟତାରେ ରବିବାର ଶୀତଲଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥିତ ଏମ୍‌ସ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ଶୀତଲଙ୍କୁ ତାଙ୍କ ଘରୁ ଡାକ୍ତରଖାନାକୁ ନିଆଯାଇଛି। ବିଧାୟକ ମଲ୍ଲିକ ସେଠାରେ ପହଞ୍ଚି ଶୀତଲ କିଭଳି ଶୀଘ୍ର ଭଲ ହୋଇପାରିବେ ସେ ସମ୍ପର୍କରେ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ।

ପ୍ରକାଶ ଯେ, ଦୁର୍ଘଟଣାରେ ଗୁରୁତର ଶୀତଲ ଶଯ୍ୟାଶାୟୀ ଥିବା ଖବର ଗଣମାଧ୍ୟମରୁ ଜାଣିବା ପରେ ବିଧାୟକ ଗତ ଗୁରୁବାର ସନ୍ଧ୍ୟାରେ ଶୀତଲଙ୍କ ଘର ରାହାଞ୍ଜକୁ ଯାଇ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ତାଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ଶୀତଲଙ୍କୁ ନିଜ ଧର୍ମ ଝିଅ ଭାବେ ଆଦରି ନେଇ ତାଙ୍କୁ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଇବେ ବୋଲି ତାଙ୍କ ବାପା ସୁବାସଙ୍କୁ ବିଧାୟକ ଆଶ୍ୱାସନା ଦେଇଥିଲେ। ସର୍ବଶିକ୍ଷା ଅଭିଯାନ ପକ୍ଷରୁ ଜଳନ୍ଧର ମଣ୍ଡଳ, ବିଧାୟକଙ୍କ ସହଯୋଗୀ ଲାଲାଲଳିତ ନାୟକ, ଶୀତଲଙ୍କ ବାପା ସୁବାସ ପ୍ରମୁଖ ମେଡିକାଲ ଯାଇଥିବା ସୂଚନା ମିଳିଛି।

## ଦୁର୍ଘଟଣାରେ କଂଗ୍ରେସ ନେତାଙ୍କ ମୃତ୍ୟୁ

ବାସୁଦେବପୁର, ୨୩।୬ (ଡି.ଏନ.ଏ.)

ବାସୁଦେବପୁରର ବରିଷ୍ଠ କଂଗ୍ରେସ ନେତା ତଥା ବିନାୟକପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ନରେନ୍ଦ୍ର କୁମାର ନାୟକଙ୍କର ଏକ ସଡ଼କ ଦୁର୍ଘଟଣାରେ ଶନିବାର ରାତିରେ ମୃତ୍ୟୁ ଘଟିଛି। ସେ ରାତିରେ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଶୁକଦେବପୁର ସେଠୀସାହି ଛକଠାରେ କ୍ଷୀର ନେଇ ଯାଉଥିବା ଜଣେ ସାଇକେଲ ଆରୋହୀଙ୍କ ସହ ଧକ୍କା ହୋଇଥିଲା। ଦୁର୍ଘଟଣାରେ ସେ ଗୁରୁତର ଆହତ ହୋଇଥିଲେ। ପ୍ରଥମେ ତାଙ୍କୁ ବାସୁଦେବପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ପରେ ଭଦ୍ରକ ସ୍ଥାନାନ୍ତର ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା। କଂଗ୍ରେସର ଜଣେ ଟାଣୁଆ ନେତା ଭାବେ ସେ ଜଣାଶୁଣା ଥିଲେ। ବିନାୟକପୁର ଅଞ୍ଚଳର ଜଣେ ପରୋପକାରୀ ବ୍ୟକ୍ତି ଭାବେ ସେ ବେଶ୍ ନାଁ କମାଇବା ସହ ବିଭିନ୍ନ ସାଂସ୍କୃତିକ ଓ ଶିକ୍ଷାନୁଷ୍ଠାନ ସହିତ ଜଡ଼ିତ ଥିଲେ। ତାଙ୍କ ମୃତଦେହକୁ ବ୍ଲକ କାର୍ଯ୍ୟାଳୟକୁ ଅଣାଯାଇ ଶୋଭାଯାତ୍ରାରେ ପଞ୍ଚାୟତ ପରିକ୍ରମା କରାଯାଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବିଭିନ୍ନ ରାଜନୈତିକ ଦଳର ନେତୃମଣ୍ଡଳୀ ଓ ବିଭିନ୍ନ ବର୍ଗର ଲୋକେ ଆଶି ଶେଷ ଦର୍ଶନ କରିଥିଲେ।

## ୫୨ ୟୁନିଟ୍ ରକ୍ତ ସଂଗୃହୀତ

ବନ୍ତ, ୨୩।୬ (ଡି.ଏନ.ଏ.)

ବନ୍ତ ବ୍ଲକ ପଳସାସ୍ଥିତ ଶ୍ରୀ ସତ୍ୟସାଇ ଭଜନମଣ୍ଡଳୀ ପକ୍ଷରୁ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଛୟାଳସିଂହ ମଇ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ଶିବିରରେ ମୋଟ ୫୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ପ୍ରାତଃରେ ଓଁକାରମ୍, ସୁପ୍ରଭାତମ୍ ଓ ନଗର ସଂକୀର୍ତ୍ତନମ୍ ପରେ ଶିବିର ଆରମ୍ଭ ହୋଇଥିଲା। ଭଦ୍ରକ ମୁଖ୍ୟ ଚିକିତ୍ସାଳୟ ଅଧୀନ ବ୍ଲଡ୍‌ବ୍ୟାଙ୍କର ଡାକ୍ତର ଓ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଭଦ୍ରକ ସତ୍ୟସାଇ ସଙ୍ଗଠନର ପ୍ରଭାତ ମାଝି ଓ ପଳସା ଭଜନମଣ୍ଡଳୀର ଆବାହକ ପ୍ରଫୁଲ୍ଲ କୁମାର ସ୍ୱାଇଁ, ସୁଶାନ୍ତ ସାହୁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ନିରଞ୍ଜନ ବେହେରା, ଗୌରାଙ୍ଗ ଦାସ, ନିରାକାର ଜେନା, ପ୍ରତାପ ସାହୁ, ଦେବ ବାଇ, ନିରୂପମା ବେଜ, ଉର୍ମିଳା ସେଠୀ, ବର୍ଷାରାଣୀ ସେଠୀଙ୍କ ସମେତ ଭଜନମଣ୍ଡଳୀର ସମସ୍ତ ସଦସ୍ୟ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

OFFICE OF THE NOTIFIED AREA COUNCIL, NILGIRI
TENDER CALL NOTICE
No. 1073 / Dated the 22.06.19
ON DOOR TO DOOR COLLECTION OF GARBAGES & SANITATION SYSTEM OF NILGIRI NAC
Sealed tenders are invited from the Registered Contractors / NGOs working within the jurisdiction of Nilgiri NAC & having experience in sanitation activities for "Door to Door Collection of Municipal Solid Waste, Primary collection & transportation to identified Primary Collection Yard located in the every ward". The tender paper containing the required Form, Documents, requirement of sweepers can be made available from website www.baleswar.nic.in. No tender shall be received directly by Nilgiri NAC, but only through Registered Post / Speed Post superscribing the (Tender for Door to Door Collection). EMD 1% of tender quoted value and cost of Tender paper of Rs. 10000/- in shape of B.C./ Bank Draft separately in favour of Executive Officer, Nilgiri NAC shall be deposited along with tender document. The last date for receipt of tender paper will be upto 11AM dated 29.06.2019 which shall be opened on the same day at 12 Noon in the Office Chamber of the undersigned. The authority shall not be responsible for postal delay. The authority reserves the right to reject any or all tenders without assigning any reason thereof.
Sd./- Executive Officer, NAC, Nilgiri

UTKAL UNIVERSITY OF CULTURE
SANSKRUTI VIHAR, AT/PO- MADANPUR
BHUBANESWAR-752054, DIST.- KHURDA, ODISHA
Phone: 0674-2972315
Email: chairmanpc.uuc@gmail.com, Website: www.uuc.ac.in
No. 926/UUC Date: 01.06.2019
CAD-48
ADMISSION NOTIFICATION 2019-20
Online applications are invited for admission to different Post Graduate and M.Phil Programmes of Utkal University of Culture, Sanskruti Vihar, Madanpur, Bhubaneswar for the Academic Session 2019-20, which can be made available from 01.07.2019 to 07.07.2019. For details regarding the courses, procedure of admission, admission dates, prospectus, etc., please visit the University website www.uuc.ac.in (Admissions-2019) from 01.07.2019 onwards. For further queries, please contact the Chairman, P.G. Council at: 0674-2972315 (office).
Sd./- Prof. Jagannath Kuanr
Chairman, P.G. Council
03005/11/0001/1920

## ବ୍ରହ୍ମାକୁମାରୀ ସେବା କେନ୍ଦ୍ରରେ ସ୍ମୃତି ଦିବସ

ଭଦ୍ରକ ଅଫିସ, ୨୩।୬



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଆଦ୍ୟ ପ୍ରଶାସିକା ମାତେଶ୍ୱରୀ ଜଗଦମ୍ବା ସରସ୍ୱତୀଙ୍କ ୫୪ତମ ସ୍ମୃତି ଦିବସ ରବିବାର ଭଦ୍ରକ ବ୍ରହ୍ମାକୁମାରୀ ସେବାକେନ୍ଦ୍ର ଶିବଶକ୍ତି ଭବନରେ ପାଳିତ ହୋଇଯାଇଛି। ଉତ୍ସବରେ ପ୍ରଦୀପ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବ୍ରହ୍ମାକୁମାରୀ ମଞ୍ଜୁ ମାତେଶ୍ୱରୀ ଜଗଦମ୍ବାଙ୍କ ଗୁଣାବଳୀ ବର୍ଣ୍ଣନା କରିଥିଲେ। ସେ କିପରି ଆଜ୍ଞାକାରୀ ହୋଇ ପରମାତ୍ମାଙ୍କ ସମସ୍ତ କାର୍ଯ୍ୟ ସମ୍ପାଦନା କରୁଥିଲେ ସମସ୍ତଙ୍କୁ ଅବଗତ କରାଇଥିଲେ। ବ୍ୟଙ୍ଗକବି ବିଜୟଶ୍ରୀ ଗୋକୁଳାନନ୍ଦ ରାଉତ ମଧ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବରିଷ୍ଠ ବ୍ରହ୍ମାକୁମାର ଡା. ସୁରଥ କୁମାର ବିଶ୍ୱାଳ, ବ୍ରହ୍ମାକୁମାର ଶାନ୍ତନୁ, ପଣ୍ଡିତ ଦୟାନିଧି ଦାଶ ପ୍ରମୁଖ ଜଗଦମ୍ବା ସରସ୍ୱତୀଙ୍କ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କଣ୍ଠଶିଳ୍ପୀ ଶୁଭ୍ରା ମହାପାତ୍ର ଏବଂ ତାଙ୍କର ସାଥୀମାନେ ଈଶ୍ୱରୀୟ ସଂଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ବ୍ରହ୍ମାକୁମାର ସୌଭାଗ୍ୟ। ଡା. ବ୍ରହ୍ମାକୁମାର ରବୀନ୍ଦ୍ର ଓଝା ଧନ୍ୟବାଦ ଦେଇଥିଲେ।

## ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ଜଗବନ୍ଧୁ

ବନ୍ତ, ୨୩।୬ (ଡି.ଏନ.ଏ.)



ବୃଦ୍ଧ ଜଗବନ୍ଧୁ ଦାସ।

କେନ୍ଦ୍ର ଓ ରାଜ୍ୟ ସରକାର ସାଧାରଣ ଗରିବ ବୃଦ୍ଧାବୃଦ୍ଧ, ବିଧବାମାନଙ୍କୁ ସହାୟତା ଯୋଗାଇଦେବା ଲକ୍ଷ୍ୟରେ ଭତ୍ତା ପ୍ରଦାନର ସୁବିଧା କରିଛନ୍ତି। ମାତ୍ର ଏହି ଯୋଜନାର ସୁଫଳ ପ୍ରକୃତ ହିତାଧିକାରୀମାନେ ପାଇପାରୁ ନାହାନ୍ତି। ରାଜ୍ୟ ସରକାର ୬୦ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧାବୃଦ୍ଧଙ୍କ ପାଇଁ ୩୦୦ ଟଙ୍କା ଓ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧାବୃଦ୍ଧଙ୍କୁ ୫୦୦ ଟଙ୍କା ଭତ୍ତା ପ୍ରଦାନର ବ୍ୟବସ୍ଥା କରିଥିଲେ। ପରବର୍ତ୍ତୀ ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ହିତାଧିକାରୀମାନଙ୍କର ଭତ୍ତା ୨ ଶହ ଟଙ୍କା ବୃଦ୍ଧି କରାଯାଇଛି। ଏହି ବର୍ଦ୍ଧିତ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି ବୃଦ୍ଧ ଜଗବନ୍ଧୁ ଦାସ। ଏ ନେଇ ସେ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ ଏଥିପ୍ରତି କେହି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ କରିଛନ୍ତି।

ଜଗବନ୍ଧୁଙ୍କ ଘର ବନ୍ତ ବ୍ଲକ ନିକୋଳ ଗ୍ରାମରେ। ଏବେ ତାଙ୍କ ବୟସ ୮୨ ବର୍ଷ। ଗତ ଦୁଇବର୍ଷ ଧରି ସେ ବର୍ଦ୍ଧିତ ଭତ୍ତା ପାଇବା ପାଇଁ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। ଏ ପରିପ୍ରେକ୍ଷୀରେ ସେ ଗତ ଫେବୃୟାରୀ ମାସରେ ନିଜର ଫଟୋ ପରିଚୟପତ୍ର ଓ ଭୋଟର ତାଲିକାର ଜେରକ୍ସ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ଏଥିସହ ସେ ଭତ୍ତା ବିଭାଗ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଅବଗତ କରିଥିଲେ। ଏହାମଧ୍ୟରେ ୪ ମାସ ବିତିଗଲାଣି। ଅଦ୍ୟାବଧି ସେ ବର୍ଦ୍ଧିତ ଭତ୍ତା ପାଇପାରିନାହାନ୍ତି। ପ୍ରତ୍ୟେକ ମାସ ଭତ୍ତା ମିଳୁଥିବା ତାରିଖରେ ସେ ବର୍ଦ୍ଧିତ ଭତ୍ତା ପାଇବା ନେଇ ଆଶା ବାନ୍ଧି ଥିବାବେଳେ ତାଙ୍କୁ ନିରାଶ ହୋଇ ଫେରିବାକୁ ପଡୁଛି। ସରକାରଙ୍କର ଏହି ଯୋଜନା କାହା ସ୍ୱାର୍ଥରେ ବୋଲି ସେ କ୍ଷୋଭର ସହ କହିଛନ୍ତି। ଏ ସମ୍ପର୍କରେ ବିଡିଓ ରେବେକା ବିଲୁଙ୍ଗଙ୍କୁ ପଚାରିବାରୁ ଏ ଦିଗରେ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

ମନେ ପଡ଼ନ୍ତି

ଏକାଦଶାହ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ନିଖିଳ ଚନ୍ଦ୍ର ଦାସ
ଆବିର୍ଭାବ: ୨୩।୧୦।୧୯୪୧
ତିରୋଧାନ: ୧୪।୦୬।୨୦୧୯
ବାଲ୍ୟରୁ ଶୈଶବ ପୁଣି ସେଠାରୁ ଯୌବନ
ପାଇଥିଲୁ ବୁଝିଥିଲୁ ସଂସାରର ଜ୍ଞାନ।।
ଆପଣଙ୍କ ସଙ୍ଗେ ଥାଏ ଅଫୁରନ୍ତ ଶକ୍ତି
ନାହାନ୍ତି ଆପଣ ମନେ ପଡୁଥାଏ ନିତି।।
ଜନମେ ଜନମେ ତୁମେ ବାପା ଆମ ହେବ
ଭୁଲି ଯେ ନ ଯିବ ତୁମ ଅପେକ୍ଷା ରହିବ।।
ବୈକୁଣ୍ଠର ସବୁସୁଖ ଆପଣଙ୍କୁ ମିଳୁ
ବାପି, ଲିପି ମନାସନ୍ତି ନିଶ୍ଚେ ଏହା ଫଳୁ।।
ଇତି
ଶୋକସନ୍ତପ୍ତ: ପରିବାରବର୍ଗ
ଧ-୧୩୦୭୬

Shradhanjali on the eve of 12th day



Late Batchu Narayana Murty
(20.10.1928 - 13.06.2019)
Throughout this period of ascendance of your soul to its heavenly abode, not a moment passed without remembering you for your unconditional love and affection that you showered on us all while you were in our midst. We humbly pray to Bhagwan, the supreme soul to grant eternal peace to your noble soul.
Bereaved family: Laxmi, Ramakrishna, Narasimha, Ranganath, Bharati, Sivananda, Subha, Sanjeev, Shubhadra, Sangeeta, Sandeep, Saipriya, Sai Piyush, Sai Jagadish and Sai Kiran.
D-66150

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସନ୍ତୋଷ କୁମାର ମିଶ୍ର
ଆଷାଢ ଶୁକ୍ଳ ଅଷ୍ଟମୀ
ତିରୋଧାନ: ୨୪।୦୬।୨୦୧୫
ହଠାତ୍ ଅସମୟରେ ଆମ ଦୁହିଁଙ୍କୁ ଏକୁଟିଆ ଛାଡ଼ି ଚାଲିଗଲୁ। ତୋର ସ୍ଥାନ କେବେବି କେହି ପୂରଣ କରିପାରିବେ ନାହିଁ। ଚତୁର୍ଥ ବର୍ଷର ଅବସରରେ ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଇତି।
ଶୋକସନ୍ତପ୍ତ:
(ବାବା ଓ ବୋଉ)
ଧ-୧୩୧୦୯

# ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦର ସର୍ବେକ୍ଷଣକୁ ବିରୋଧ

**କଟକ ଅଫିସ, ୨୩।୬**

ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅନ୍ତର୍ଗତ ଚଉମୁଖଠାରେ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦରକୁ ନେଇ ଦୀର୍ଘଦିନରୁ ବିରୋଧ ଜାରି ରହିଆସିଛି। ଓଡ଼ିଶା ସରକାର ୨୦୦୮ ଜାନୁୟାରୀ ୧୧ ତାରିଖରେ କ୍ରିଏଟିଭ ପୋର୍ଟ ଡେଭଲପମେଣ୍ଟ କମ୍ପାନୀ ସହିତ ବନ୍ଦର ତିଆରି ପାଇଁ ରାଜିନାମା ସ୍ୱାକ୍ଷର କରିଥିଲେ। ଏହି କାର୍ଯ୍ୟକୁ ଆଗେଇବା ପାଇଁ ୨୦୦୮ ଅକ୍ଟୋବର ୧୦ ତାରିଖରେ ସୁବର୍ଣ୍ଣରେଖା ପୋର୍ଟ ନାମକ ଏକ କମ୍ପାନୀ ଗଠନ ହେଲା। ପ୍ରସ୍ତାବିତ ବନ୍ଦରରେ ବାର୍ଷିକ ୬୦ ନିୟୁତ ଟନ୍ ମାଲ ସଞ୍ଚାଳନ କରିବାର କ୍ଷମତା ଆକଳନ କରାଯାଇଛି ଏବଂ ପ୍ରକଳ୍ପ ମୂଲ୍ୟ ୨୭୪୪ କୋଟି ଧାର୍ଯ୍ୟ କରାଯାଇଛି। ଉକ୍ତ ବନ୍ଦର ପାଇଁ ୯୬୦ ଏକର ଜାଗା ଆବଶ୍ୟକ ଥିବାବେଳେ ସେଥିମଧ୍ୟରୁ ୧୫୮ ଏକର ଗୋଚର ଓ ୧୯୩ ଏକର ଜମି ଭୂଦାନ କିଷମର ଜମି ରହିଛି। ଏହି କିଷମର ଜମି ଯାହାକି ଭୂମିହୀନଙ୍କ ମଧ୍ୟରେ ପୂର୍ବରୁ ବଣ୍ଟନ କରାଯାଇଛି। ବନ୍ଦର ବ୍ୟତୀତ ରେଳରାସ୍ତା ପାଇଁ ୧୫୬୫ ଏକର ଜମି ଆବଶ୍ୟକ ଥିବାବେଳେ ୭୫୦ ଏକର ଜମି ବନ୍ଦର ଉନ୍ନୟନ ପାଇଁ ଆବଶ୍ୟକ ପଡିବ। ଏବେ ସର୍ବମୋଟ୍ ୩୨୭୫ ଏକର ଜମି ଆବଶ୍ୟକ ରହିଛି।

ସୂଚନାଯୋଗ୍ୟ, ଚଉମୁଖ ଗ୍ରାମର ଦୁଇତୃତୀୟାଂଶ ଜମି ସୁବର୍ଣ୍ଣରେଖା ନଦୀ ଗର୍ଭରେ ବିଭିନ୍ନ ସମୟରେ ବିଲୀନ ହୋଇଯାଇଛି। ନଦୀ ଅତଡା ଖାଇବା ଦ୍ୱାରା ସମୟେ ସମୟେ ଚାଷଜମିକୁ ନିଜ ଗର୍ଭକୁ ନେଇ ଯାଇଥାଏ। ଏଥିପାଇଁ ଗ୍ରାମବାସୀ ଗ୍ରାମରେ ଥିବା ଅନ୍ୟାନ୍ୟ ସରକାରୀ ଜମିରେ ଚାଷବାସ କରି ନିଜର ଗୁଜୁରାଣ ମେଣ୍ଟାଉଛନ୍ତି। ସ୍ଥାନୀୟ ଗ୍ରାମବାସୀ ଚିଙ୍ଗୁଡି ଚାଷ, ପାନବରଜ, ସଜନାଛୁଇଁ, କାଜୁଗଛରୁ ଆଦାୟ ହେଉଥିବା ଅର୍ଥରେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଚିଙ୍ଗୁଡି ଓ ପାନପତ୍ରକୁ ବାହାର ରାଜ୍ୟକୁ ରପ୍ତାନି କରି ସମସ୍ତ ଯୁବକ ରୋଜଗାରକ୍ଷମ ହୋଇପାରିଛନ୍ତି। ଚଉମୁଖ ସମୁଦ୍ରକୂଳ ନାଲିକଙ୍କଡା ଏବଂ ଅଲିଭ ରିଡ୍‌ଲେ କଇଁଛ ପାଇଁ ଖ୍ୟାତି ଅର୍ଜନ କରିଛି। ହେଲେ ପ୍ରସ୍ତାବିତ ବନ୍ଦର ସମସ୍ତ ପ୍ରକାରର ସ୍ଥାନୀୟ ଜୀବିକାକୁ ଉଜାଡିବା ସହିତ ପ୍ରାକୃତିକ ବୈଭବ ଓ ପରିବେଶକୁ ଧ୍ୱଂସ କରିବ ବୋଲି ଆଶଙ୍କା କରି ସ୍ଥାନୀୟ ଅଞ୍ଚଳବାସୀ ଆତଙ୍କିତ ଅଛନ୍ତି। ଏ ସମ୍ପର୍କରେ ଚଉମୁଖ ଗ୍ରାମବାସୀ ପ୍ରଦୂଷଣ ନିୟନ୍ତ୍ରଣ

**ମନ୍ତ୍ରଣାଳୟ, ପରିବେଶ ପ୍ରଦୂଷଣ ବୋର୍ଡର ଦ୍ୱାରସ୍ଥ ହେଲେ ଗ୍ରାମବାସୀ**

ବୋର୍ଡ, କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ନିକଟରେ ଅଭିଯୋଗ କରିଛନ୍ତି। ଏଥିରେ ସୁଫଳ ନ ମିଳିଲେ ଗ୍ରାମବାସୀ ନ୍ୟାୟିକ ପନ୍ଥା ଆପଣାଇବେ ବୋଲି ଚେତାବନୀ ଦେଇଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ପ୍ରସ୍ତାବିତ ବନ୍ଦର ପାଇଁ ୨୦୦୮ରୁ ଚୁକ୍ତି ହୋଇଥିବା ବେଳେ ୨୦୧୦ରେ ପୋଲିସ ପ୍ରଶାସନ ସହାୟତାରେ ବାହାର ଅଞ୍ଚଳ ଲୋକଙ୍କୁ ନେଇ ଜନଶୁଣାଣି ହୋଇଥିଲା। ୨୦୧୨ ମାର୍ଚ୍ଚ ୨୧ରେ ପରିବେଶ ମଞ୍ଜୁରୀ ମିଳିଥିବା ବେଳେ ୨୦୧୨ ଅକ୍ଟୋବର ୧୭ରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରେ ସ୍ଥାପନା କରିବା ପାଇଁ ଅନୁମତି ମିଳିଥିଲା। ଜାତୀୟ ସବୁଜ ପ୍ରାଧିକରଣରେ ବିଭିନ୍ନ ସମୟରେ ପରିବେଶ ସମ୍ପର୍କିତ ପ୍ରସଙ୍ଗକୁ ନେଇ ମାମଲା ଲଢୁଥିବା ଆଡଭୋକେଟ ଶଙ୍କର ପାଣି କୁହନ୍ତି, ପରିବେଶ ମଞ୍ଜୁରୀର ବୈଧତା ୫ବର୍ଷ ପାଇଁ ଥିଲାବେଳେ ତାହାର ଅବଧି ମାର୍ଚ୍ଚ ୨୦୧୭ରୁ ଶେଷ ହୋଇଯାଇଛି। ଦୀର୍ଘ ୧୧ ବର୍ଷ ମଧ୍ୟରେ ପ୍ରକଳ୍ପ ପାଇଁ ଇଟାଖଣ୍ଡିଏ ପକାଯାଇପାରିନାହିଁ। ୨୦୧୯ ଫେବୃୟାରୀ ୧୩ ତାରିଖରେ ମୁଖ୍ୟମନ୍ତ୍ରୀ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାପରଠାରୁ ଉକ୍ତ ପ୍ରକଳ୍ପକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପୁଣି ତେଜି ଉଠିଛି। ଗତ ମାର୍ଚ୍ଚ ମାସ ପରଠାରୁ ସ୍ଥାନୀୟ ଅଞ୍ଚଳରେ କମ୍ପାନୀ ଦ୍ୱାରା ମାଟି ପରୀକ୍ଷଣ ଓ ସମୁଦ୍ରରେ ସର୍ବେକ୍ଷଣ କାର୍ଯ୍ୟକୁ ନେଇ ଚାପା ଅସନ୍ତୋଷ ସୃଷ୍ଟି ହୋଇଛି। ଗତ ଜୁନ୍ ୫ ତାରିଖ ପରିବେଶ ଦିବସରେ ସ୍ଥାନୀୟ ଅଞ୍ଚଳରେ ଅଧିବାସୀ ମିଳିତ ହୋଇ ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ସର୍ବେକ୍ଷଣ କାର୍ଯ୍ୟ ବିରୋଧରେ ସ୍ଥାନୀୟ ସୂଚନା ଅଧିକାର କର୍ମୀ ଅନୋଜ ମହାପାତ୍ର ତାଙ୍କ ଓକିଲ ପାଣିଙ୍କ ଜରିଆରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ଜଙ୍ଗଲ ପରିବେଶ ମନ୍ତ୍ରଣାଳୟକୁ କାର୍ଯ୍ୟ ବନ୍ଦ ଆଦେଶ ଦେବା ପାଇଁ ନୋଟିସ ଆବେଦନ କରିବା ସହ ତତ୍କାଳ କାର୍ଯ୍ୟାନୁଷ୍ଠାନ ନେଇ ଆଇନଗତ ପଦକ୍ଷେପ ନେବା ପାଇଁ ଚେତାବନୀ ଦେଇଛନ୍ତି। ପ୍ରସ୍ତାବିତ ବନ୍ଦର ସର୍ଭେ କାର୍ଯ୍ୟକୁ ଆଡଭୋକେଟ ପାଣି ବେଆଇନ ଦର୍ଶାଇବା ସହ ଯେହେତୁ ପରିବେଶ ମଞ୍ଜୁରୀ ବୈଧତା ସମୟ ସରିଯାଇଛି ତେଣୁ ସମସ୍ତ ପ୍ରକାର ସର୍ଭେ କାର୍ଯ୍ୟକୁ ବନ୍ଦ କରିବା ପାଇଁ ଦାବି କରିଛନ୍ତି। ସେହିପରି ପ୍ରସ୍ତାବିତ ବନ୍ଦର ଯାହାକି ପାଖାପାଖି ୧୨୦୦୦ ପରିବାରର ଜୀବନ ଜୀବିକାକୁ ବିପନ୍ନ କରିବାସହ ସ୍ଥାନୀୟ ପରିବେଶକୁ ନଷ୍ଟ କରିବାର ଆଶଙ୍କାକୁ ଆଖିଆଗରେ ରଖି ବନ୍ଦର ପ୍ରକଳ୍ପକୁ ବାତିଲ କରିବା ପାଇଁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

## ସେଲ୍‌ଫି କର୍ଣ୍ଣର


ସତ୍ୟ


ଦିପକ


ବାପୁ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ରାତି ୮ଟା ପର୍ଯ୍ୟନ୍ତ ମିଳିବ ସଂରକ୍ଷିତ ରେଳ ଟିକେଟ

**ଜଳେଶ୍ୱର, ୨୩।୬ (ଡି.ଏନ.ଏ.):** ବାଲେଶ୍ୱର ଜିଲା ଜଳେଶ୍ୱର ରେଳଷ୍ଟେଶନରେ ଥିବା ସଂରକ୍ଷିତ ଟିକେଟ୍ କାଉଣ୍ଟର ଏଣିକି ୬ ଘଣ୍ଟା ପରିବର୍ତ୍ତେ ୧୨ଘଣ୍ଟା ପର୍ଯ୍ୟନ୍ତ ଟିକେଟ ମିଳିବ। ଷ୍ଟେଶନରେ ପୂର୍ବରୁ ଥିବା ସ୍ଥାୟୀ ରିଜର୍ଭେଶନ କାଉଣ୍ଟରରେ ପୂର୍ବଭଳି ପ୍ରଚଳିତ ନିୟମ ଅନୁଯାୟୀ ସପ୍ତାହେ ବ୍ୟାପୀ ସକାଳ ୮ଟାରୁ ଦିନ୨ଟା ପର୍ଯ୍ୟନ୍ତ ୬ଘଣ୍ଟା ଧରି ଟିକେଟ ରେଳଯାତ୍ରୀଙ୍କୁ ଦିଆଯିବ। ଏଥିସହିତ ଅନ୍ୟ ଏକ କାଉଣ୍ଟରରେ ଅଣସଂରକ୍ଷିତ ଟିକେଟ ସହିତ ସଂରକ୍ଷିତ ଟିକେଟ ଏଣିକି ରବିବାର ବ୍ୟତୀତ ଦିବା ୨ଟାରୁ ରାତି ୮ଟା ପର୍ଯ୍ୟନ୍ତ ଦିଆଯିବ ବୋଲି ରେଳଷ୍ଟେଶନ ମ୍ୟାନେଜର ଖଗେନ୍ଦ୍ରନାଥ ମଣ୍ଡଳ ସୂଚନା ଦେଇଛନ୍ତି। ଉକ୍ତ କାଉଣ୍ଟରରେ ରେଳ ଟିକେଟ କ୍ୟାନସେଲ ମଧ କରାଯାଇପାରିବ। ପୂର୍ବର ସ୍ଥାୟୀ ରିଜର୍ଭେଶନ କାଉଣ୍ଟରରେ ଦିନ ୨ଟାରୁ ରାତି ୮ ପର୍ଯ୍ୟନ୍ତ ସଂରକ୍ଷିତ ଟିକେଟ ଦିଆ ନ ଯାଇ ଏପରି ହଇରାଣ କରାଯିବା ଭଳି ଦାୟିତ୍ୱହୀନ କାର୍ଯ୍ୟ ନେଇ ରେଳଯାତ୍ରୀ ଆପତ୍ତି ଉଠାଇଛନ୍ତି।

# ସଂସ୍କୃତି, ପର୍ଯ୍ୟଟନ ମନ୍ତ୍ରୀଙ୍କୁ ଓଡିଆଶ୍ରୀ ସମ୍ମାନ


ମନ୍ତ୍ରୀଙ୍କୁ ସିମୁଳିଆର ଛାତ୍ରୀମାନେ ସମ୍ମାନିତ କରୁଛନ୍ତି।

**ସିମୁଳିଆ, ୨୩।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକର ବିଭିନ୍ନ ୩୧ ଅନୁଷ୍ଠାନ ପକ୍ଷରୁ ଶନିବାର ସନ୍ଧ୍ୟାରେ ଓଡିଶାର ପର୍ଯ୍ୟଟନ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ତଥା ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କୁ ଓଡିଆଶ୍ରୀ ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ଶନିବାର ସନ୍ଧ୍ୟାରେ ସିମୁଳିଆ ବ୍ଲକ ସମ୍ମିଳନୀ ପ୍ରକୋଷ୍ଠରେ ଏକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବ୍ଲକ ଅଧକ୍ଷ ଗୋକୁଳାନନ୍ଦ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଡିଓ ତଥା ସାହିତ୍ୟିକ ଡ. ନରହରି ବେହେରା, ତହସିଲଦାର ରବିନାରାୟଣ ସାହୁ, ସାହିତ୍ୟିକ ଭରତ ଚନ୍ଦ୍ର ଦାଶ, ବ୍ଲକ ଉପାଧ୍ୟକ୍ଷ ଗୌରାଙ୍ଗ ଚନ୍ଦ୍ର ପତ୍ରୀ ପ୍ରମୁଖ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ଦେଇଥିଲେ। ମନ୍ତ୍ରୀ ବକ୍ତବ୍ୟରେ କହିଥିଲେ ଯେ, ପର୍ଯ୍ୟଟନର ବିକାଶ ହେଲେ ରାଜ୍ୟର ଅର୍ଥନୈତିକ ଉନ୍ନତି ହୋଇପାରିବ। ତେଣୁ ସେ ରାଜ୍ୟର ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ରର ଉନ୍ନତି ଉପରେ ଗୁରୁତ୍ୱ ଦେବେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସିମୁଳିଆ ବ୍ଲକ ମାର୍କୋଣା ଓଡିଆ ଭାଷା ସାହିତ୍ୟ ଶିକ୍ଷଣ ସଂସ୍ଥାନ ଦ୍ୱାରା ଅନୁଷ୍ଠିତ ଉତ୍ସବରେ ବିଭିନ୍ନ ମହିଳା ଗୋଷ୍ଠୀ, ସିମୁଳିଆ ମହାବିଦ୍ୟାଳୟ, ବରିଷ୍ଠ ନାଗରିକ ମଞ୍ଚ, ଶିକ୍ଷକ ସଂଘ, ସାହିତ୍ୟ ମଞ୍ଚ, ରକ୍ତତୀର୍ଥ ଇରମ ଶହୀଦ ସଂଘ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଠିକାଦାର ସଂଘ ଆଦି ବିଭିନ୍ନ ଅନୁଷ୍ଠାନ ଦ୍ୱାରା ମନ୍ୟବର ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବ୍ୟବସାୟୀଙ୍କ ଧାରଣା

**ବାହାନଗା, ୨୩।୬(ଡି.ଏନ.ଏ.)**

ବାହାନଗା ବ୍ଲକ ଗୋପାଳପୁର ବଜାରରେ ଶନିବାର ବିଳମ୍ବିତ ରାତିରେ ଏକକାଳୀନ ୪ ଦୋକାନର ତାଲା ଭାଙ୍ଗି ଚୋରି ହୋଇଛି। ତେବେ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବ୍ୟବସାୟୀମାନେ ଗୋପାଳପୁର ଫାଣ୍ଡି ଆଗରେ ଧାରଣା ଦେଇଥିଲେ। ଫାଣ୍ଡି ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଗୋପାଳପୁର ବଜାରର ମନ୍ମଥ ବାରିକଙ୍କ ପାନଦୋକନର ଚାବି ଭାଙ୍ଗି ଦୁର୍ବୃତ୍ତମାନେ ୨ହଜାର ଟଙ୍କା, ମୁକ୍ତିକାନ୍ତ ସାହୁଙ୍କ ଗ୍ରୋଶରୀ ଦୋକାନର ଶର୍ଟର ଭାଙ୍ଗି ୧୦ହଜାର ଟଙ୍କା ଚୋରି କରିନେଇଛନ୍ତି। ସେହିପରି ବାବୁଲାଲ୍ ଲୁଗା ଦୋକାନ ତାଲା ଭାଙ୍ଗି ଟଙ୍କା ଚୋରି କରିନେଇଥିବା ଅଭିଯୋଗ ହୋଇଛି। ସେହିପରି ଏକ ବିୟୁଟି ପାର୍ଲର ତାଲା ଭାଙ୍ଗି ଚୋରି, ଅନ୍ୟ ଏକ ଗ୍ୟାରେଜର ତାଲା ଭାଙ୍ଗି ଚୋରି ହେବା ଘଟଣା ଦୋକାନୀମାନଙ୍କ

**ଏକାବେଳେ ୪ ଦୋକାନରୁ ଚୋରି**

ମଧ୍ୟରେ ଛନକା ପଶିଛି। ଏକକାଳୀନ ଗୋଟିଏ ରାତିରେ ବଜାରର ୪/୫ ଟି ଦୋକାନ ତାଲା ଭାଙ୍ଗି ଚୋରି ହେବାରୁ ବ୍ୟବସାୟୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ଏନେଇ ଦୋକାନୀମାନେ ଭିନ୍ନ ଭିନ୍ନ ଅଭିଯୋଗ ଗୋପାଳପୁର ଫାଣ୍ଡିରେ କରିଛନ୍ତି। ତେବେ ବ୍ୟବସାୟୀ ସଂଘ ତରଫରୁ ସଭାପତି ସୁଦର୍ଶନ ଦାସ ଓ ସମ୍ପାଦକ ଭଗବାନ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଦୋକାନୀମାନେ ଅଭିଯୁକ୍ତଙ୍କୁ ଗିରଫ କରିବା ଦାବିରେ ଅପରାହ୍ନରେ ଗୋପାଳପୁର ଫାଣ୍ଡି ଆଗରେ ଧାରଣାରେ ବସିଥିଲେ। ତେବେ ଗୋପାଳପୁର ଫାଣ୍ଡି ଅଧିକାରୀ ବଂଶୀଧର ପ୍ରଧାନ ୭ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରାଯିବାର ପ୍ରତିଶ୍ରୁତି ଦେବା ପରେ ଦୋକାନୀମାନେ ଧାରଣା ପ୍ରତ୍ୟାହାର କରିଥିଲେ।

# ଶାସଙ୍ଗ ଶ୍ରୀଜଗନ୍ନାଥ ମନ୍ଦିରରେ ପଟିଦିଅଁ ସେବା

**ବାଲେଶ୍ୱର ଅଫିସ, ୨୩।୬**

ବାଲେଶ୍ୱର ସଦର ବ୍ଲକ ଶାସଙ୍ଗ ଗ୍ରାମରେ ଶ୍ରୀଜଗନ୍ନାଥ ମନ୍ଦିରରେ ଶନିବାର ସନ୍ଧ୍ୟାରେ ପଟିଦିଅଁମାନଙ୍କୁ ଏକ ଶୋଭାଯାତ୍ରାରେ ଆଣି ମନ୍ଦିରରେ ପହଞ୍ଚାଇବା ପରେ ଠାକୁରମାନଙ୍କଠାରେ ଅନଭୋଗ ଲାଗି ପହଣ୍ଡିରେ ଅଣସର ଗୃହକୁ ବିଜେ କରାଯାଇଥିଲା। ତା' ପରେ ଅଣସର ସମ୍ମୁଖ ଦ୍ୱାର ବନ୍ଦ କରାଯାଇ ପଟିଦିଅଁମାନଙ୍କୁ ନୀତି ଅନୁସାରେ ଦ୍ୱାର ସମ୍ମୁଖରେ ବାଉଁଶରେ ତିଆରି ଚାଞ୍ଚଡାରେ ବିଜେ କରାଯାଇଥିଲା।

୯୦୦ବର୍ଷରୁ ଶ୍ରୀଜୀଉମାନେ ପୂଜା ପାଇ ଆସୁଥିବା ଏହି ଅଞ୍ଚଳରେ ସବୁ ବର୍ଷ ପରି ଚଳିତବର୍ଷ ଗତ ୧୭ତାରିଖରେ ଶ୍ରୀଜୀଉମାନଙ୍କୁ ସ୍ନାନମଣ୍ଡପକୁ ପହଣ୍ଡି କରି ବିଜେ କରାଯାଇଥିଲା। ରୀତିନୀତି ଅନୁଯାୟୀ ଶ୍ରୀଜୀଉମାନଙ୍କ ସ୍ନାନ ପରେ ବେଶ କରାଯାଇଥିଲା। ଦିନତମାମ ଭକ୍ତମାନେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ସହ ଫଳ ଭୋଗ ଲଗାଇ ଅଣସର ଗୃହକୁ ମହାପ୍ରଭୁଙ୍କୁ ନିଆଯାଇଥିଲା। ସମ୍ମୁଖ ଦ୍ୱାର ବନ୍ଦ


ମନ୍ଦିରରେ ପଟିଦିଅଁଙ୍କୁ ପୂଜାର୍ଚ୍ଚନା କରାଯାଉଛି।

କରାଯାଇ ପଟିଦିଅଁମାନଙ୍କୁ ନୀତି ଅନୁସାରେ ଦ୍ୱାର ସମ୍ମୁଖରେ ବାଉଁଶରେ ତିଆରି ଚାଞ୍ଚଡାରେ ବିଜେ କରାଯାଇଛି। ସେହିଦିନଠାରୁ ମହାପ୍ରଭୁମାନଙ୍କୁ ଜ୍ୱର ଆସୁଥିବାରୁ ଭକ୍ତମାନେ ଏହି ପଟିଦିଅଁଙ୍କୁ ଦର୍ଶନ କରିଥାନ୍ତି। ଜଗନ୍ନାଥଙ୍କ ରୂପରେ ଅନନ୍ତ ନାରାୟଣ, ବଡଠାକୁରଙ୍କ ରୂପରେ ଅନନ୍ତ ବାସୁଦେବ ଓ ମା' ସୁଭଦ୍ରାଙ୍କ ରୂପରେ ଭୁବନେଶ୍ୱରୀ ପୂଜା ପାଇଥାନ୍ତି। ଏହି ସମୟରେ ଯେହେତୁ ଠାକୁରମାନେ ଜ୍ୱରରେ ଶୟନ କରିଥାନ୍ତି। ଏହି ସମୟରେ ପଟିଦିଅଁମାନଙ୍କଠାରେ ଆଳତି କରାଯାଏ ନାହିଁ କି, ଘଣ୍ଟଘଣ୍ଟା, ମୃଦଙ୍ଗ ଆଦି ବାଜେନାହିଁ। ଏହିଭଳି ପଟିଦିଅଁ ପୂଜା ପାଉଥିବା ଗୃହରେ କେବଳ ଦୀପ ବ୍ୟତୀତ ଅନ୍ୟ କୌଣସି ଆଲୋକର ବ୍ୟବସ୍ଥା କରାଯାଇ ନ ଥାଏ। ଏହି ପଟିଦିଅଁ ପୂଜା ବ୍ୟବସ୍ଥା ନେତ୍ର ଉତ୍ସବ ପୂର୍ବଦିନ ପର୍ଯ୍ୟନ୍ତ ଚାଲୁ ରହିବ। ଶନିବାର ଠାକୁରମାନଙ୍କୁ ଔଷଧ ରୂପରେ ଦେବ-ପାଞ୍ଚଣ ପ୍ରଦାନ କରାଯାଇ ଦେବତାମାନଙ୍କୁ ଆରୋଗ୍ୟ କାମନା କରାଯାଇଥାଏ।

# ଗାଧୋଇବା ବେଳେ ବୃଦ୍ଧଙ୍କ ମୃତ୍ୟୁ

**ବାହାନଗା, ୨୩।୬(ଡି.ଏନ.ଏ.)**

ବାହାନଗା ବ୍ଲକ ସାହାସପୁରା ପଞ୍ଚାୟତର ବଗଦା ଗ୍ରାମର ଜଣେ ବୃଦ୍ଧ ଗାଧୋଇବା ବେଳେ ତାଙ୍କର ମୃତ୍ୟୁ ଘଟିଛି। ବଗଦା ଗ୍ରାମର ନରେନ୍ଦ୍ର ବେହେରା(୬୦) ରବିବାର ପୋଖରୀ ରେ ମାଛ ଧରି ଘରକୁ ଆସିବା ପରେ ଘରେ ନଳକୂପ ମୂଳରେ ଗାଧୋଇବା ସମୟରେ ସେ ତଳେ ପଡିଯାଇଥିଲେ। କିଛି ସମୟ ପର୍ଯ୍ୟନ୍ତ ସେ ନ ଫେରିବାରୁ ପରିବାର ଲୋକେ ନଳକୂପ ପାଖକୁ ଯିବାରୁ ନରେନ୍ଦ୍ର ତଳେ ପଡିଥିବା ଦେଖିବାକୁ ପାଇଥିଲେ। ତାଙ୍କ ଘର ଲୋକେ ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଯୋଗେ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ମାତ୍ର ସେଠାରେ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକ ସ୍ଥାନାନ୍ତରିତ କରିଥିଲେ। ତେବେ ଡାକ୍ତର ନରେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ।

# କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା


କୃତୀ ଛାତ୍ରୀଛାତ୍ରଙ୍କ ସହ ଅନୁଷ୍ଠାନର କର୍ମକର୍ତ୍ତା।

**ବାଲେଶ୍ୱର ଅଫିସ, ୨୩।୬**

ଚଳିତବର୍ଷ ଯୁକ୍ତ ୨ କଳା ପରୀକ୍ଷାରେ ଉତ୍ତମ ନମ୍ବର ରଖି କୃତୀ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ବାଲେଶ୍ୱର ମଲ୍ଲିକାଶପୁରସ୍ଥିତ କଳିଙ୍ଗ ଟ୍ୟୁଟୋରିଆଲ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ରବିବାର ପୂର୍ବାହ୍ନରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଅତିଥିମାନଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

ଆୟୋଜିତ ଉତ୍ସବରେ ଅନୁଷ୍ଠାନ ମୁଖ୍ୟ ପରିଚାଳକ ଓମ୍ ପ୍ରକାଶ ପଟ୍ଟନାୟକ ସଭାପତିତ୍ୱ କରି କୃତୀ ଛାତ୍ରୀଛାତ୍ରଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସର୍ବଦା ଚେଷ୍ଟା କରିବା ସହ ସେମାନଙ୍କୁ ସହଯୋଗର ହାତ ବଢାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସହପରିଚାଳକ ଭାଗ୍ୟଉଦିତ୍ ଦାସପଟ୍ଟନାୟକ, ଇଂରାଜୀ ଅଧ୍ୟାପକ ଚିତ୍ତରଞ୍ଜନ ନାୟକ, ଅର୍ଥନୀତି ଅଧ୍ୟାପକ ସୁରଜିତ୍ ସାହୁ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ଉପାଦେୟ ତଥ୍ୟ ପ୍ରଦାନ କରିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନୁଷ୍ଠାନର ୭୬ଜଣ ଛାତ୍ରୀଛାତ୍ର ଦକ୍ଷତାର ସହ କୃତକାର୍ଯ୍ୟ ହୋଇଥିଲା ବେଳେ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ୩ଜଣ, ୭୦ ପ୍ରତିଶତରୁ ଉର୍ଦ୍ଧ୍ୱ ୨୨ଜଣ କୃତିତ୍ୱ ହାସଲ କରିଛନ୍ତି। ପ୍ରିୟମ୍ବଦା ଦୀକ୍ଷିତ୍ ୫୦୮, ପ୍ରତୀକ୍ଷା ବିନ୍ଧାଣୀ ୫୦୩, ନିଗମାନନ୍ଦ ରାଉତ ୫୦୨, ପୁଷ୍ପାଞ୍ଜଳି କର ୪୯୫, ରାଣୀ ନାୟକ ୪୮୩, ସୁଦୀପ୍ତ ଦାସ ୪୮୨, ଗୀତିରେଖା ବେହେରା ୪୭୨, କୃତୀଦିପ୍ତା ଜେନା ଏବଂ ମମତା ଦାସ ୪୬୬, ଗୀତିକାଜ୍ୟୋତିପର୍ଣ୍ଣା ବିଶ୍ୱାଳ ଏବଂ ସନ୍ତୋଷ କୁମାର ବିଶ୍ୱାଳ ଉଭୟ ୪୬୩ ନମ୍ବର ରଖି କୃତିତ୍ୱ ଅର୍ଜନ କରିଥିବାରୁ ସେମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ସୁସ୍ଥ ସମାଜ ଗଠନ ପାଇଁ ନିଶା ନିବାରଣ ଜରୁରୀ

**ବାଲେଶ୍ୱର ଅଫିସ,୨୩।୬**

ସୁସ୍ଥ ସମାଜ ଗଠନରେ ନିଶାମୁକ୍ତ ରାଜ୍ୟ ଓ ଦେଶଗଠନ ପାଇଁ ସଚେତନତା ଓ ଆନ୍ଦୋଳନ ଚଳାଇଥିବା ବ୍ୟକ୍ତି ଏବଂ ସଙ୍ଗଠନମାନେ ସମସ୍ତଙ୍କ ପାଇଁ ଆଦର୍ଶ ବୋଲି ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ମୋନାର ସମ୍ମିଳନୀରେ ଅତିଥିମାନେ ମତପ୍ରକାଶ କରିଛନ୍ତି। ରବିବାର ଜିଲା ସଙ୍ଗଠନର ତୃତୀୟବାର୍ଷିକ ସମ୍ମିଳନୀ ସ୍ଥାନୀୟ 'ଜେଆରସି' ଭବନରେ ବରିଷ୍ଠ ଆଇନଜୀବୀ ପ୍ରଭାକର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

ଡାକ୍ତର ଶ୍ରୀଶ କୁମାର ଦାଶ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର ଆଲଏଜ୍‌ର ନିର୍ଦ୍ଦେଶକ ଧୀରେନ୍ କୁମାର ନାଥ ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଜିଲା ସମାଜ ସୁରକ୍ଷା ଅଧିକାରୀ କମଳାକାନ୍ତ ବେହେରା, ରାଜ୍ୟ କମିଟି ଉପସଭାପତି ଡ. ଅଦ୍ୱୈତ କୁମାର ପାତ୍ର, ରାଜ୍ୟ ସମ୍ପାଦକ ରମାକାନ୍ତ ମଣ୍ଡଳ ଓ ମନମୋହନ ମିଶ୍ର ଯୋଗଦେଇ ବର୍ତ୍ତମାନର ସମାଜରେ ବହୁ ଅପରାଧ, ମହିଳାଙ୍କୁ ନିର୍ଯାତନା ଓ ଦୁର୍ଘଟଣାରେ ନିଶାର ପ୍ରମୁଖ ଭୂମିକା ରହୁଛି ବୋଲି କହିଥିଲେ। ୧୯୫୬ ମସିହାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ତଥା ବିଶିଷ୍ଟ ଗାନ୍ଧୀବାଦୀ ସ୍ୱାଧୀନତାସଂଗ୍ରାମୀ ନବକୃଷ୍ଣ ଚୌଧୁରୀଙ୍କ ଦ୍ୱାରା ପ୍ରଣୀତ ନିଶାନିବାରଣ ଆଇନକୁ



'ମୋନା'ର ତୃତୀୟବାର୍ଷିକ ସମ୍ମିଳନୀରେ ଅତିଥିଗଣ।

**'ମୋନା'ର ତୃତୀୟ ବାର୍ଷିକ ସମ୍ମିଳନୀ**

କାର୍ଯ୍ୟକାରୀ କରିବାକୁ ରାଜ୍ୟବ୍ୟାପୀ ଦାବି ଓ ଆନ୍ଦୋଳନ ହେଉଛି। ଉପଦେଷ୍ଟା ସୁବ୍ରତ କର 'ମୋନା'ର ଆଭିମୁଖ୍ୟ ଓ ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ସାଧାରଣ ସମ୍ପାଦିକା ମମତା ମହାପାତ୍ର ବାର୍ଷିକ ବିବରଣୀ ପାଠ କରି ବର୍ଷତମାମ 'ମୋନା' ତରଫରୁ ଗ୍ରହଣ କରାଯାଉଥିବା କାର୍ଯ୍ୟଗୁଡ଼ିକ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲା କୋଷାଧ୍ୟକ୍ଷ ଡ. କ୍ଷିତୀଶ୍ୱର ଦାଶ ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ। 'ମୋନା'ର ମୁଖପାତ୍ର-୨୦୧୯କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପ୍ରଶାନ୍ତ ପଟେଲ୍, ଗୀତାଞ୍ଜଳି ସିଂ, ଅକ୍ଷୟ ତ୍ରିପାଠୀ, ସରସ୍ୱତୀ ପଣ୍ଡା, କଲ୍ୟାଣୀ ନନ୍ଦ, ସ୍ମୃତି ଦାସ, ହେମଲତା ଦାସ, ସ୍ୱର୍ଣ୍ଣଲତା ସ୍ୱାଇଁ ଓ ପ୍ରଫୁଲ୍ଲ କୁମାର ଦାସ ପ୍ରଶଂସାପତ୍ର ପାଠ କରିଥିଲେ। ଜିଲା କମିଟି ଓ ବିଭିନ୍ନ ବ୍ଲକ କମିଟି ତରଫରୁ ଡ. ପ୍ରହ୍ଲାଦ ଚରଣ ମହାନ୍ତି, ଡ. ରମାକାନ୍ତ ବେହେରା, ପ୍ରଫେସର ଅନନ୍ତ କୁମାର ପ୍ରଧାନ, କୁମୁଦ ରଞ୍ଜନ ଗିରି, ଉମେଶ ଚନ୍ଦ୍ର ନାୟକ, ନାରାୟଣ ସାହୁ, ସୁଦର୍ଶନ ମହାପାତ୍ର, ପ୍ରଫେସର କମଳାକାନ୍ତ ଆଚାର୍ଯ୍ୟ, ସୀତାରାମ ପ୍ରଧାନ, ଷ୍ଟାଲିନ୍ ମିଶ୍ର, ଦିଲୀପ ଗିରି, ପଦ୍ମଲୋଚନ ଦତ୍ତ, କମଳାକାନ୍ତ ନାୟକ ପ୍ରମୁଖ ନିଶାମୁକ୍ତ ରାଜ୍ୟ ଗଠନ ପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ। ଜନସମ୍ପର୍କ ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ ମଞ୍ଚ ଆହ୍ୱାନ କରିଥିଲେ।

ଧରିତ୍ରୀ DHARITRI
ବାଲେଶ୍ୱର, ସୋମବାର, ୨୪ ଜୁନ୍, ୨୦୧୯



## ସଂକ୍ଷେପରେ

### ଯୁବତୀଙ୍କ ଆତ୍ମହତ୍ୟା

ବଉଳା,୨୩।୬(ଡି.ଏନ.ଏ.)-ହାଟଡିହୀ ବ୍ଲକ ନନ୍ଦିପଦା ଥାନା ଅଣତିରା ଗ୍ରାମର ତନୁଶ୍ରୀ ଯେନା(୧୮) ବିଷପିଇ ଆତ୍ମହତ୍ୟା କରିଛନ୍ତି। ଅଭିଯୋଗରୁ ଜଣାଯାଇଛି ଯେ, କୌଣସି କାରଣରୁ ସେ ଗତ ଶନିବାର ରାତିରେ ବିଷପିଇ ଦେଇଥିଲେ। ପରେ ପରିବାର ଲୋକ ଜାଣିବାରୁ ଡାକ୍ତରଖାନାକୁ ନେବା ପାଇଁ ଉଦ୍ୟମ କରୁଥିବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ରବିବାର ସକାଳୁ ତାଙ୍କ ବାପା ନନ୍ଦିପଦା ଥାନାରେ ଅଭିଯୋଗ କରିବା ପରେ ନନ୍ଦିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆନନ୍ଦପୁରକୁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ବିପଦ ସଙ୍କୁଳ ସର୍ଭିସ ରୋଡ

ଆନନ୍ଦପୁର, ୨୩।୬(ସ୍ୱ.ପ୍ର.)- ଆନନ୍ଦପୁର ପୌରପରିଷଦ ଶାଳପଡା ବାଇପାସ୍ ଛକ ଦେଇ ଯାଇଥିବା ଅଧାପନ୍ତରିଆ ୨୦ ନଂ ଜାତୀୟ ରାଜପଥର କଡେ କଡେ ଅନାବନା ଘାସଲଟାରେ ପରିପୂର୍ଣ୍ଣ ହୋଇଛି। ଏହି ଘାସଲଟା ସବୁ ବଡ ବଡ ହୋଇ ଶାଳପଡା ସର୍ଭିସ ରୋଡ ଉପରକୁ ମାଡି ଆସିଛି, ଯାହାକି ଯାତ୍ରୀଙ୍କ ପ୍ରତି ବିପଦ ସୃଷ୍ଟି କରିଛି। ବଡ଼ ବଡ଼ ଯାନବାହାନକୁ ଅତିକ୍ରମ କରି ଯିବା ସମୟରେ ଏହି ଘାସ ଗୁଡିକ ବାଇକ୍ ଓ ସାଇକେଲ ଆରୋହୀଙ୍କ ଆଖିରେ ଲାଗୁଛି। ଏଥିପାଇଁ ସର୍ଭିସ ରୋଡର ପାଦେ ପାଦେ ଯାତ୍ରୀଙ୍କ ପାଇଁ ବିପଦ ସାଜିଛି। ଏହି ଅନାବନା ଘାସ ଗଛଗୁଡିକୁ ସଫା କରା ନ ଗଲେ ଆଗକୁ ବଡ ଧରଣର ଦୁର୍ଘଟଣା ଘଟିବାର ଆଶଙ୍କା ପ୍ରକାଶ ପାଇଛି। ଲୋକମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଘଟଣା ଦିଗରେ ଧ୍ୟାନ ଦେଇ ବିଭାଗୀୟ କର୍ତ୍ତୃପକ୍ଷ ଏହି ଘାସ ଗଛ ଗୁଡିକୁ ସଫା କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

### ବନ୍ଦ ହେଲା ଝାରବେଡ଼ା ପ୍ରାଥମିକ ବିଦ୍ୟାଳୟ

ପାଟଣା, ୨୩।୬(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ବ୍ଲକରେ ନିମ୍ନ ଉପସ୍ଥାପନରେ ଚାଲିଥିବା ତୁରୁମୁଙ୍ଗା ପଞ୍ଚାୟତ ଝାରବେଡା ପ୍ରାଥମିକ ବିଦ୍ୟାଳୟକୁ ଓଡ଼ିଶା ସରକାରଙ୍କ ସ୍କୁଲ ଓ ଗଣ ଶିକ୍ଷା ବିଭାଗର ଗାଇଡ ଲାଇନ ଅନୁଯାୟୀ ବନ୍ଦ କରି ଦିଆଯାଇଛି। ଜୁନ ୨୧ରୁ ଝାରବେଡା ପ୍ରାଥମିକ ବିଦ୍ୟାଳୟର ୬ ଛାତ୍ରୀଛାତ୍ରଙ୍କୁ ଉକ୍ତ ପଞ୍ଚାୟତ ଦଧିବାମନ ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଯାଇଥିବା କଥା ବିଇଓ ପୂର୍ଣ୍ଣଚନ୍ଦ୍ର ଓମାତ ସୂଚନା ଦେଇଛନ୍ତି।

### ନୃତ୍ୟ ଗୁରୁ ସମ୍ବର୍ଦ୍ଧିତ

ଆନନ୍ଦପୁର, ୨୩।୬(ସ୍ୱ.ପ୍ର.)- ଆନନ୍ଦପୁରର ଅଗ୍ରଣୀ ନୃତ୍ୟାନୁଷ୍ଠାନ ବୀଣାପାଣି କଳାନିକେତନର କଳାକାରମାନେ ଭୁବନେଶ୍ୱର ରୟାଲ କଲେଜ ଅଫ ସାଇନ୍ସ ଆନୁକୂଲ୍ୟରେ ରୋଟାରୀ କ୍ଲବ ଦ୍ୱାରା ଆୟୋଜିତ ତୃତୀୟ ବାର୍ଷିକ ଉତ୍ସବ ଅବସରରେ ନୃତ୍ୟ ଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ ନୃତ୍ୟାଭିନୟ ଆମ ଗାଁ'ର ଗାଥା, ରଜ ମଉଜ, ଜଙ୍ଗଲୀ ଦଳଗତ ନୃତ୍ୟ ପରିବେଷଣ କରି ସମ୍ବର୍ଦ୍ଧିତ ହୋଇଛନ୍ତି। ନୃତ୍ୟ ଶିଳ୍ପୀ ଦେବାଙ୍ଗୀ ସେନାପତି, ପଦ୍ମଜା ମିଶ୍ର, ରିତେଶ ଦାସ, ହର୍ଷିତା ଖଟୁଆ, ଇତିଶ୍ରୀ ଓଝା, ବିନୋଦ ଓଝା, ଆରର୍ତ୍ତିକା ଦେହୁରୀ, ଶ୍ରଦ୍ଧାଞ୍ଜଳି ପଣ୍ଡା, ଲୀନୁ ମହାନ୍ତି ପ୍ରମୁଖ ବେଶ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଶେଷରେ ଅନୁଷ୍ଠାନର ସଭାପତି ବିଷ୍ଣୁ ମୋହନ ମହାନ୍ତି, ସମ୍ପାଦକ ଅଶୋକ ପଟ୍ଟନାୟକ ପ୍ରମୁଖ ନୃତ୍ୟ ଗୁରୁ ଦାଶଙ୍କୁ ରୋଟାରୀ ସମ୍ମାନରେ ସମ୍ମାନିତ କରିଥିଲେ।

### ରୋଗୀ କଲ୍ୟାଣ ସମିତି ବୈଠକ

ପାଟଣା, ୨୩।୬(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ସ୍ଥିତ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷରେ ଶନିବାର ରୋଗୀ କଲ୍ୟାଣ ସମିତିର ବୈଠକରେ ବାର୍ଷିକ ବ୍ୟୟ ବରାଦ ପାସ ହୋଇଛି। ଆୟୋଜିତ ବୈଠକ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ଼. ସୁପ୍ରକାଶ ଶତପଥୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଜଗନ୍ନାଥ ନାଏକ, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ବିଡିଓ ପ୍ରଫୁଲ୍ଲ ଚନ୍ଦ୍ର ନାୟକ, ବିଇଓ ପୂର୍ଣ୍ଣଚନ୍ଦ୍ର ଓମାତ, ସିଡିପିଓ ତିଳୋତ୍ତମା ମହାପାତ୍ର, କାର୍ଯ୍ୟକାରୀ କମିଟିର ସଭ୍ୟ ମାଧବାନନ୍ଦ ପୃଷ୍ଟି, ଗୌରହରି ନାଏକ, ଶିବନାଥ ପ୍ରଧାନ, ଡ. ପାର୍ଥସାରଥି ଦାଶ ଓ ବିପିଏମ ଦୀପକ କୁମାର ନାୟକଙ୍କ ଉପସ୍ଥିତିରେ ରୋଗୀ କଲ୍ୟାଣ ପାଇଁ ଆଗାମୀ ୬ମାସ ସକାଶେ ୫ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି।

# କମ୍ପାନୀର ଜବରଦଖଲରେ ଚାଷଜମି

- ଶାଗମାଛ ଦରରେ ଜମି ନେଇ ଯାଉଛି କମ୍ପାନୀ
- ଅଭିଯୋଗ ପରେ ବି କେହି ଶୁଣୁ ନାହାନ୍ତି
- ସମାଧାନ ପାଇଁ ଚେଷ୍ଟା ଚାଲିଛି: କମ୍ପାନୀ

ଯୋଡ଼ା, ୨୩।୬(ଡ଼ି.ଏନ.ଏ.)

ସାଧାରଣ ଲୋକଙ୍କ ଜମିକୁ ବିଭିନ୍ନ ଉପାୟରେ ଶାଗମାଛ ମୂଲ୍ୟରେ ଟାଟା କମ୍ପାନୀ କିପରି ନିଜ ଅଧୀନକୁ ନେଉଛି, ତାର ଆଉ ଏକ ଉଦାହରଣ ଏବେ ଲୋକଲୋଚନକୁ ଆସିଛି। କେନ୍ଦୁଝର ଜିଲା ଯୋଡ଼ା ସହରର କମାରଯୋଡ଼ାଠାରେ ରହୁଥିବା ସୁରେଶ ପଲେଇ ତାଙ୍କ ପୈତୃକ ଜମିକୁ ଟାଟାଷ୍ଟିଲ କମ୍ପାନୀ ଜବରଦଖଲ କରି ଅକ୍ତିଆରେ ରଖିଥିବା ଅଭିଯୋଗ କରିଛନ୍ତି। ସୁରେଶ ପ୍ରତିକ୍ରିୟାରେ କହିଛନ୍ତି ଯେ, ତାଙ୍କ ବାପା ସ୍ୱର୍ଗତ ନୀଳାଦ୍ରି ପଲେଇ ଟାଟାଷ୍ଟିଲରେ ଚାକିରୀକରି ୧୯୮୬ମସିହାରେ ଅବସର ନେଇଥିଲେ। ୨୦୦୯-୧୦ ମସିହାରେ ଟାଟାଷ୍ଟିଲ କମ୍ପାନୀ ତାଙ୍କ କମାରଯୋଡ଼ା ମୌଜାସ୍ଥିତ ଖାତା ନଂ. ୭୫, ପ୍ଲଟ ନଂ. ୮୮୦, ଏ୦.୭୯.୮ ଡିସିମାଲ ଜମିରେ ଏକ ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ ଟାୱାର ନିର୍ମାଣ କରିଛି। ଯେଉଁ ଜମିରେ କି ତାଙ୍କ ବାପା ଚାଷ କରି ପରିବାରର ଗୁଜୁରାଣ ମେଣ୍ଟାଉଥିଲେ। ଉକ୍ତ ଜମିରେ କମ୍ପାନୀ ଟାୱାର ନିର୍ମାଣ କରି କାରଖାନା ପାଇଁ ବିଦ୍ୟୁତ ସଂଯୋଗ କରିଛି। ଜମିର ପରିମାଣ ଏ୦.୭୯.୮ ଡିସିମାଲ ଥିଲେ ହେଁ ଟାୱାର ନିର୍ମାଣ କରାଯିବା ପରେ ଅବଶିଷ୍ଟ ଜମି କୌଣସି କାର୍ଯ୍ୟରେ



ଚାଷ ଜମିରେ ବିଦ୍ୟୁତ୍ ଟାୱାର ନିର୍ମାଣ।

ଲାଗିପାରୁ ନାହିଁ। କାରଣ ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ ଟାୱାର ଥିବାରୁ ସେଠାରେ ଚାଷ କାମ କିମ୍ବା ଅନ୍ୟ କୌଣସି ଘର ନିର୍ମାଣ କରାଯାଇପାରୁ ନାହିଁ। ଏହି ଟାୱାର ନିର୍ମାଣ ପାଇଁ ଜମି ନେବା ସମୟରେ ତାଙ୍କ ବାପା ଅଶିକ୍ଷିତ ଥିବାରୁ ଏକ ରସିଦରେ ଟିପଚିହ୍ନ ନେଇ ୩୦ହଜାର ଟଙ୍କା ଦେଇଥିଲେ। ଏପରି କି କିଛି ଦିନ ପରେ ଉକ୍ତ ବିଦ୍ୟୁତ ଟାୱାରକୁ ସ୍ଥାନାନ୍ତର କରାଯିବାକୁ କମ୍ପାନୀ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଦୀର୍ଘ ବର୍ଷ ବିତିଯାଇଥିଲେ ହେଁ ଏପର୍ଯ୍ୟନ୍ତ କମ୍ପାନୀ ପକ୍ଷରୁ ଟାୱାର ସ୍ଥାନାନ୍ତର କରାଯାଇ ନାହିଁ କିମ୍ବା ଜମିର ଉଚିତ୍ କ୍ଷତିପୂରଣ ଦିଆଯାଉ ନ ଥିବା ସେ କହିଛନ୍ତି। ଏନେଇ ସେ ବାରମ୍ବାର କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଲିଖିତଭାବେ ଜଣାଇ ଆସୁଥିଲେ ହେଁ କେହି ତାଙ୍କ ଗୁହାରି ଶୁଣୁ ନ ଥିବା ସୁରେଶ ଅଭିଯୋଗ କରିଛନ୍ତି। ୨୩।୦୩।୨୦୧୮ରେ ଯୋଡ଼ାସ୍ଥିତ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଲିଖିତଭାବେ ଜଣାଇବାରୁ କମ୍ପାନୀ ଅଧିକାରୀ ପ୍ରକାଶ କୁମାର ମହାପାତ୍ର, ଅନ୍ୟଜଣେ କମ୍ପାନୀ ଅଧିକାରୀ ଦେବାଶିଷ ଜେନାଙ୍କୁ ଏ ବିଷୟରେ ଜମି ମାଲିକଙ୍କ ସହିତ ଆଲୋଚନା କରିବାକୁ ନିର୍ଦ୍ଦେଶ ଦେବା ସହ କମ୍ପାନୀ ପକ୍ଷରୁ ଉକ୍ତ ଜମିର ଚିହ୍ନଟ କରିବା ପାଇଁ କୁହାଯାଇଥିଲା। ଜମି ମାଲିକ ସୁରେଶ ବଡ଼ବିଲ ତହସିଲ କାର୍ଯ୍ୟାଳୟରେ ଜମି ଚିହ୍ନଟ ପାଇଁ ଆବେଦନ କରିବାରୁ ଏହାର ଚିହ୍ନଟ କରିବା ପାଇଁ ଯୋଡ଼ା ଆରଆଇ, ଅମିନ ଯାଇ ଉକ୍ତ ଜମିର ଚିହ୍ନଟ ପ୍ରକ୍ରିୟା କରି ଏହାର ସବିଶେଷ ତଥ୍ୟ ପ୍ରଦାନ କରିଥିଲେ । ଏହି ଜମି ଚିହ୍ନଟର ସମସ୍ତ ତଥ୍ୟ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଦେବା ପରେ ମଧ୍ୟ କମ୍ପାନୀ ଏହାର କୌଣସି ସମାଧାନ କରି ନ ଥିବା ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଯୋଡ଼ା ଟାଟାଷ୍ଟିଲ ଅଧିକାରୀ ପ୍ରକାଶ ମହାପାତ୍ରଙ୍କୁ ପଚାରିବାରୁ ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଉକ୍ତ ଜମି ମାଲିକଙ୍କ ପରିବାରର ସଦସ୍ୟଙ୍କୁ କମ୍ପାନୀ ଚାକିରି ଦେଇଛି, ଜମିର କ୍ଷତିପୂରଣ ବାବଦକୁ ୩୦ହଜାର ଟଙ୍କା ମଧ୍ୟ ଦିଆଯାଇଛି। ବଡ଼ବିଲ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଏ ନେଇ କମ୍ପାନୀ ପାଖକୁ ଏହାର ସମାଧାନ କରିବା ପାଇଁ ଏକ ନୋଟିସ ମଧ୍ୟ ଆସିଛି । ତେବେ ଏନେଇ ଖୁବଶୀଘ୍ର ଆଲୋଚନା କରାଯିବ ବୋଲି ମହାପାତ୍ର କହିଛନ୍ତି। ଅପରପକ୍ଷରେ ଜମି ମାଲିକ ସୁରେଶଙ୍କୁ ପରିବାରୁ ତାଙ୍କ ପଚାରିବାରୁ କୌଣସି ସଦସ୍ୟଙ୍କୁ କମ୍ପାନୀ ପକ୍ଷରୁ ଜମି ବାବଦକୁ ଚାକିରି ଦିଆଯାଇ ନାହିଁ କି ଜମିର ଉଚିତ କ୍ଷତିପୂରଣ ଦିଆଯାଇ ନାହିଁ। ବାପାଙ୍କ ଅଶିକ୍ଷିତର ସୁଯୋଗ ନେଇ କମ୍ପାନୀ କର୍ତ୍ତୃପକ୍ଷ ସାମାନ୍ୟ କିଛି ଟଙ୍କାଦେଇ ଏତେ ବଡ଼ ଜମିକୁ ହଡ଼ପ କରିଛନ୍ତି ବୋଲି ସୁରେଶ କହିଛନ୍ତି।

# ହାତୀ ଆମର ସାଥୀ ଅଭିଯାନ




କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

ଯୋଡ଼ା, ୨୩।୬(ଡି.ଏନ.ଏ.)

କେନ୍ଦୁଝର ଜିଲା ପଶ୍ଚିମଯୋଡ଼ାସ୍ଥିତ ଟାଟାଷ୍ଟିଲ ପ୍ରେକ୍ଷାଳୟ ଠାରେ ରବିବାର ଟାଟାଷ୍ଟିଲର ସେଭ୍ ଏଲିଫ୍ୟାଣ୍ଟ ଫାଉଣ୍ଡେଶନ ଟ୍ରଷ୍ଟ ଓ କେନ୍ଦୁଝର ଜିଲା ବନଖଣ୍ଡ ଆନୁକୂଲ୍ୟରେ ହାତୀ ଆମର ସାଥୀ ଅଭିଯାନ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ଲୋକାୟୁକ୍ତ ସଦସ୍ୟ ଡା. ଦେବବ୍ରତ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଚମ୍ପୁଆ ନିକଲସନ ଫରେଷ୍ଟ ସ୍କୁଲ ପ୍ରଶିକ୍ଷଣ ପ୍ରତିଷ୍ଠାନ ମୁଖ୍ୟ ନଳିନୀକାନ୍ତ ବେହେରା, ୱାଇଲ୍ଡ ଲାଇଫ ଡିଏଫଓ ଅଜିତ କୁମାର ଶତପଥୀ, ଟାଟାଷ୍ଟିଲ ଜେନେରାଲ ମ୍ୟାନେଜର (ଓଏମକ୍ୟୁ) ଅତୁଲ କୁମାର ଘଟନଗର, ରାଉରକେଲା ଆର୍‌ସିସିଏଫ ଲିଙ୍ଗରାଜ ଅଝା, ସେଭ ଏଲିଫ୍ୟାଣ୍ଟ, ଫାଉଣ୍ଡେଶନ ଟ୍ରଷ୍ଟର ଅଧ୍ୟକ୍ଷ ଡ. ରଜନୀକାନ୍ତ ଜେନା ପ୍ରମୁଖ ଉପସ୍ଥିତ ରହି ହାତୀ କିପରି ମଣିଷର ସାଥୀ ହୋଇଛି ଏ ନେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ବର୍ତ୍ତମାନ ହାତୀ ଓ ମଣିଷ ମଧ୍ୟରେ ସଂଘର୍ଷ ଚରମ ସୀମାରେ ପହଞ୍ଚିଛି। ହାତୀ ଆକ୍ରମଣରେ ପ୍ରତିବର୍ଷ ବହୁ ଲୋକଙ୍କ ଜୀବନହାନି ଘଟୁଛି। ଜଙ୍ଗଲ ଅବକ୍ଷୟ ଯୋଗୁ ହାତୀ ସଂଖ୍ୟା ମଧ୍ୟ ହ୍ରାସ ପାଇବାରେ ଲାଗିଛି । ଏହି ପରିପ୍ରେକ୍ଷୀରେ ହାତୀମାନଙ୍କର ସୁରକ୍ଷା ଦିଗରେ ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏହି କର୍ମଶାଳାରେ କେନ୍ଦୁଝର ବନଖଣ୍ଡ, ୱାଇଲ୍ଡ ଲାଇଫ ଡିଭିଜନ ଓ ବଣାଇ ବନଖଣ୍ଡର ପ୍ରାୟ ୪୦୦ ବନସୁରକ୍ଷା ସମିତିର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ ।

# ଦଧିବାମନ ଜୀଉ ମନ୍ଦିର ପାର୍ଶ୍ୱ ରାସ୍ତା ଶୋଚନୀୟ

ଆନନ୍ଦପୁର, ୨୩।୬(ସ୍ୱ.ପ୍ର.)

ଆନନ୍ଦପୁରର ଆରାଧ୍ୟ ଶ୍ରୀ ଶ୍ରୀ ଦଧିବାମନ ଜୀଉ ମନ୍ଦିରର ପାର୍ଶ୍ୱ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ବଡଦାଣ୍ଡଠାରୁ ମାତ୍ର ୧୦୦ ମି. ରାସ୍ତାରେ ବଡ ବଡ ଖାଲଖମା ସୃଷ୍ଟି ହୋଇ ଜନଜୀବନ ପ୍ରତି ବିପଦ ସୃଷ୍ଟି କରିଛି। ବିଭାଗୀୟ କର୍ତ୍ତୃପକ୍ଷ ସବୁ ଦେଖି ନ ଦେଖିଲା ଭଳି ମନୋଭାବ ପ୍ରଦର୍ଶନ କରିବା ପରିତାପର ବିଷୟ ସାଜିଛି। ଆଗକୁ ରଥଯାତ୍ରା ଥିବା ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ ରାସ୍ତାର ଅବସ୍ଥା ପ୍ରତି ଦୃଷ୍ଟି ଦେଉ ନ ଥିବା ସ୍ଥାନୀୟ ଜନସାଧାରଣଙ୍କ ଅସନ୍ତୋଷର କାରଣ ସାଜିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ରାସ୍ତା ଦେଇ ଦୈନିକ ଉଚ୍ଚ ପଦାଧିକାରୀ ଯାତାୟାତ କରୁଛନ୍ତି କିନ୍ତୁ ସବୁ ଜାଣି ମଧ୍ୟ କୌଣସି ପଦକ୍ଷେପ ନ ନେବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ସହକାରୀ ଅଧିକାରୀ ସମୀର ଅଧିକାରୀ କହିଛନ୍ତି ଯେ, ଆନନ୍ଦପୁର ବ୍ରିଜଛକ ରାସ୍ତା ନିର୍ମାଣ କରୁଥିବା ଠିକା ସଂସ୍ଥାକୁ ସମ୍ପୃକ୍ତ ରାସ୍ତାର ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଖୁବ ଶୀଘ୍ର ଏହି ରାସ୍ତାର ମରାମତି କାର୍ଯ୍ୟ ଶେଷ କରାଯିବ।

## ସପ୍ତମ ଦିନରେ ଆମରଣ ଅନଶନ

# ୮ ଗୁରୁତରଙ୍କୁ ଚିକିତ୍ସାଳୟରେ ଭର୍ତ୍ତି

ଚମ୍ପୁଆ,୨୩।୬(ଡି.ଏନ.ଏ.)

ଚମ୍ପୁଆ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଠାରେ ଏସ୍‌ଆର୍ କମ୍ପାନୀର ମନମୁଖି କାର୍ଯ୍ୟକୁ ବିରୋଧ କରି ବଡକାଳିମାଟି ଗ୍ରାମବାସୀଙ୍କ ଦ୍ୱାରା ଚାଲିଥିବା ଆନ୍ଦୋଳନ ସପ୍ତମ ଦିନରେ ପହଞ୍ଚିଛି। ଏହାଫଳରେ ୮ଜଣ ଗୁରୁତର ହେବାରୁ ଚମ୍ପୁଆ ଡାକ୍ତରଖାନାରେ ଚିକିତ୍ସା କରାଯାଉଥିବା ବେଳେ ଜଣକୁ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗୁରୁତରଙ୍କ ମଧ୍ୟରେ ହେମନ୍ତ ନାଏକ, ଗୀତା ନାଏକ, ସରୋଜିନୀ ପାତ୍ର, ଭୁବନେଶ୍ୱର ମହାକୁଡ, ଅଷ୍ଟମୀ ମୁଣ୍ଡା, ଶଶୀ ସିଂ ଓ ସନାତନ ବାରିକ ରହିଥିବା ବେଳେ ମୀନା ପାତ୍ରଙ୍କୁ ଜିଲା ଚିକିତ୍ସାଳୟକୁ ପଠାଯାଇଛି। ରବିବାର ସକାଳେ ଡା ଜ୍ୟୋତିରଞ୍ଜନ ମଲ୍ଲିକ ଅନଶନକାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରି ୮ଜଣଙ୍କୁ ତୁରନ୍ତ ଚିକିତ୍ସାଳୟରେ ଭର୍ତ୍ତି କରିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରଶାସନ ପକ୍ଷରୁ କିଛି ସମାଧାନର ବାଟ ନ ମିଳିବାରୁ ଅନଶନକାରୀ ନିଜ ଜିଦ୍‌ରେ ଅଟଳ ରହିଥିବା ଜଣାଯାଇଛି। ଲଗାତର



ଡାକ୍ତରଖାନାରେ ଚିକିତ୍ସିତ ଅନଶନକାରୀ।

୨ ଦିନ ଧରି ବର୍ଷା ଲାଗି ରହିଥିଲେ ମଧ୍ୟ ଅନଶନ ଜାରି ରଖିଛନ୍ତି। ସୂଚନା ଅନୁସାରେ ଏସ୍‌ଆର୍ କମ୍ପାନୀ ଦେଇଥିବା ପ୍ରତିଶ୍ରୁତି ପାଳନ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରିବା ସହିତ ସ୍ଥାନୀୟ ଅଞ୍ଚଳର ଉନ୍ନତି କରୁ ନଥିବା, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଭଳି ମୌଳିକ ସୁବିଧା ପ୍ରଦାନ କରୁ ନ ଥିବା ଯୋଗୁ ବଡକାଳିମାଟିବାସୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହି ଆନ୍ଦୋଳନକୁ କେନ୍ଦୁଝର ସଦର ବିଧାୟକ ମୋହନ ଚରଣ ମାଝି ସମର୍ଥନ ଦେଇଛନ୍ତି। ମାତ୍ର ପ୍ରଶାସନ ପକ୍ଷରୁ ଏହାର କୌଣସି ସମାଧାନ ବାହାରି ପାରିନାହିଁ।

# ଭାଲୁପାଳି ସାହି ରାସ୍ତା କାଦୁଅପୂର୍ଣ୍ଣ

କେନ୍ଦୁଝର, ୨୩।୬(ସ୍ୱ.ପ୍ର.)

ସରକାର ଗ୍ରାମାଞ୍ଚଳ ରାସ୍ତା କଂକ୍ରିଟ କରି ବିକାଶ କରୁଛନ୍ତି। ତେବେ ଜିଲାର ବହୁ ଗ୍ରାମ ଓ ସାହିକୁ ଏବେ ମଧ୍ୟ ନିତିଦିନିଆ ରାସ୍ତା ଖଣ୍ଡେ ନାହିଁ। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ରାସ୍ତାଘାଟର ସୁଦୃଢ଼ୀକରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ହେଁ ଅନେକ ଗ୍ରାମରେ ଲୋକମାନେ ଭଲ ରାସ୍ତାଟିଏ ପାଉ ନ ଥିବାରୁ କାଦୁଅ ରାସ୍ତାରେ ବିପଦପୂର୍ଣ୍ଣ ଅବସ୍ଥାରେ ଯାତାୟାତ କରିବାକୁ ବାଧ୍ୟ ହେଉଛନ୍ତି। ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ କାଦଗଡ଼ ଭାଲୁପାଳିସାହି ରାସ୍ତା ଆଣ୍ଠୁଏ ଖାଲ ହୋଇ କାଦୁଅ ହୋଇ ରହିଛି। ଏହି ରାସ୍ତା ସମ୍ବନ୍ଧରେ ବହୁବାର ପଞ୍ଚାୟତସ୍ତରଠାରୁ ଆରମ୍ଭ କରି ବ୍ଲକ, ଜିଲାପାଳଙ୍କ ଅଫିସରେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ରାସ୍ତାଟି ରାଇସୁଆଁ ପଞ୍ଚାୟତର ସିଲିସୁଆଁ ଉଡାଜାହାଜ ପଡ଼ିଆଠାରୁ ସଂଯୋଗ ହୋଇ ଧାତିକା ଭାଲୁପାଳିସାହି କାଦଗଡ଼ ରାସ୍ତାରେ ମିଶିଛି। ଏହିରାସ୍ତା ଦେଇ ଅଙ୍ଗନୱାଡ଼ି କେନ୍ଦ୍ର ଧାତିକା ପ୍ରାଇମେରୀ ସ୍କୁଲ ରହିଛି। ରାସ୍ତାରେ ସ୍କୁଲ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ବିଭିନ୍ନ ସରକାରୀ, ବେସରକାରୀ ଗାଡ଼ି ଯାତାୟାତ କରିବାରେ ବହୁ ହଇରାଣ ହେଉଛନ୍ତି। ବିଶେଷ କରି ରାସ୍ତାରେ ୧୦୮ ଆମ୍ବୁଲାନ୍ସ ଗର୍ଭବତୀଙ୍କୁ ଡାକ୍ତରଖାନା ନେବା ଅସମ୍ଭାଳ ହୋଇପଡୁଛି। ଆଖପାଖର ଗାଡ଼ିଗୁଡ଼ିକୁ କୌଣସି ଜାଗାକୁ ଯିବାପାଇଁ ଡାକିଲେ ମନା କରିଦେଉଛନ୍ତି। ବର୍ଷା ଦିନ ଆରମ୍ଭ ହେବାମାତ୍ରେ ରାସ୍ତାଟି ସମ୍ପୂର୍ଣ୍ଣ ଯାତାୟାତ ଅନୁପଯୋଗୀ ହୋଇପଡୁଛି। ଏ ନେଇ ତୁରନ୍ତ ଜିଲା ପ୍ରଶାସନ ଏହି ସମସ୍ୟାକୁ ଦୃଷ୍ଟି ଦେଇ ରାସ୍ତା ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ହଜିଯାଉଛି ପିଲାବେଳର ଖେଳ

ହାଟଡିହୀ, ୨୩।୬ (ଡି.ଏନ.ଏ.)

ଆଗଭଳି ଆଉ ପିଲାବେଳ ଖେଳ ଦେଖିବାକୁ ମିଳୁନି। ଗାଁ ଦାଣ୍ଡରେ ପିଲାମାନେ ସାଙ୍ଗସାଥୀ ହୋଇ ଖେଳିବା ଏବଂ ପିଲାଙ୍କ ଘୋ ଘା ଶବ୍ଦ ବି ଆଉ ଶୁଭୁନି। ବର୍ତ୍ତମାନ ସମସ୍ତେ ପାଶ୍ଚାତ୍ୟ ସଂସ୍କୃତିକୁ ନିଜର କରିବାରେ ଲାଗିଛନ୍ତି। ଆଗରୁ ଗାଁ ଦାଣ୍ଡରେ ବାଲି ଭରପୂର ଥିଲା । ଏବେ ଗାଁ ଦାଣ୍ଡରେ ଆଉ ସେହି ବାଲି ଦେଖିବାକୁ ମିଳୁନି । ବର୍ଷାଦିନେ ଗାଁରେ ଥିବା ଚାଳଛପରରୁ ବର୍ଷାହେଲେ ପାଣିର ସୁଅ ଗାଁ ଦାଣ୍ଡରେ ଚାଲିଥାଏ । ଏହିପାଣିସୁଅରେ ପିଲାବେଳେ କାଗଜରେ ଡଙ୍ଗା କରି ଭସାଇବା ଦୃଶ୍ୟ ଆଉ ଦେଖିବାକୁ ମିଳୁନି। ଏପରିକି ବର୍ଷା ହେଲେ ସନ୍ଧ୍ୟା ସମୟରେ ବେଙ୍ଗ ବେଙ୍ଗୁଲୀର କେଁ କଟର, ଡାହୁକ ପକ୍ଷୀର ଶବ୍ଦ ବି ଶୁଭୁନି।

ଗାଁଗୁଡ଼ିକରେ ପିଲାବେଳର ଏପରି ନିଆରା ଜୀବନ ସବୁ ଆଜି ହଜିଯିବାକୁ ବସିଛି । ଗାଁରେ ଦାଣ୍ଡ ଅଛି ହେଲେ ସେ ପିଲାବେଳର ଖେଳ ଲିଭିଯାଉଛି । ପିଲାବେଳେ ଗାଁ ଦାଣ୍ଡରେ କବାଡ଼ି, ବୋହୂଚୋରି, ବାଟି, କାଉକାଠି, ଲୁଚକାଳି, କଣ୍ଢେଇଧରା, ବାଲିଘର ପରି ବିଭିନ୍ନ ପ୍ରକାରର ଖେଳ ଖେଳିବା ଆଉ ଆଜି ନାହିଁ। ସମ୍ପ୍ରତି ଆଧୁନିକ ସମାଜରେ ଗାଁ ମଫସଲର ପିଲାବେଳର ଚିତ୍ର ଚରିତ୍ର ଏକ ପ୍ରକାରର ଲିଭିଯାଇଛି।



ଗାଁ ଦାଣ୍ଡରେ ଦୁଇ ଶିଶୁ ବାଲିରେ ଖେଳୁଛନ୍ତି।

# କର୍ମଚାରୀଙ୍କୁ ତାଗିଦ୍ କଲେ ବିଧାୟକ

ହାଟଡିହୀ, ୨୩।୬ (ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅଧୀନ ବିଭିନ୍ନ ବିଭାଗର କର୍ମଚାରୀମାନଙ୍କୁ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ତାଗିଦ୍ କରିଛନ୍ତି। ଠିକ ଭାବେ କାର୍ଯ୍ୟ କରିବାକୁ କହିଛନ୍ତି। ଆୟୋଜିତ ଏକ ବୈଠକରେ ବିଧାୟକ ସେଠୀ ସରକାରୀ ଯୋଜନାର ସଫଳ ରୂପାୟନ କିପରି ହେବ ସେ ଦିଗରେ ତତ୍ପରତା ପ୍ରକାଶ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ଏପରିକି ହାଟଡିହୀ ବ୍ଲକକୁ ସମ୍ପୂର୍ଣ୍ଣ ଭାବେ ପିସି ମୁକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଯେଉଁ କର୍ମଚାରୀ ପିସି ନେଉଥିବା ପ୍ରମାଣିତ ହେବ ତାଙ୍କ ବିରୋଧରେ ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ମଧ୍ୟ ସୂଚନା ଦେଇଥିଲେ। ଏଥିସହ ସମସ୍ତେ ମିଳିମିଶି ସହଯୋଗ ସ୍ୱରୂପ ସରକାରୀ ଯୋଜନାକୁ ଠିକ ଭାବେ କାର୍ଯ୍ୟ କରିବା ଏବଂ ଉନ୍ନୟନ କାର୍ଯ୍ୟକୁ ଆଗେଇନେବା ପାଇଁ ମତବ୍ୟକ୍ତ କରିଥିଲେ। ଫଳରେ କର୍ମଚାରୀମାନଙ୍କ ମଧ୍ୟରେ ଏକ ପ୍ରକାରର ଭୟର ବାତାବରଣ ସୃଷ୍ଟି ହୋଇଛି। ନୂତନ ବିଧାୟକ ଭାବେ ନିର୍ବାଚିତ ହେବା ପରେ ସେଠୀ ପ୍ରଥମେ ଏହି ପିସି କାରବାରକୁ ନେଇ ପ୍ରାଥମିକତା ଓ ଗୁରୁତ୍ୱ ଦେଇଛନ୍ତି।

# ପ୍ରଦୂଷିତ ହେଉଛି ବୈତରଣୀ

ଆନନ୍ଦପୁର, ୨୩।୬(ସ୍ୱ.ପ୍ର.)

ଆନନ୍ଦପୁର ପୌରପାଳିକାରେ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ବିଭାଗୀୟ ଉଦାସୀନତା ଏହାର ମୁଖ୍ୟ କାରଣ ସାଜିଛି। ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥାକୁ ନେଇ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ସତ୍ତ୍ୱେ ପୌରାପାଳିକା ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବା ଉଦ୍‌ବେଗର କାରଣ ପାଲଟିଛି। ନିକଟରେ ପୌରପାଳିକାର ୧୩ ନଂ ଓାର୍ଡ଼ ବାଉଁଶନାଳି ସେତୁ ନିକଟରେ ମାଛ ମାଂସର ଅବଶିଷ୍ଟାଂଶ ପକାଯାଇ ସୃଷ୍ଟି କରାଯାଉଥିବା ଅପରିଷ୍କାର ପରିବେଶ ସମ୍ପର୍କିତ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ପୌରପାଳିକା ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଲୋକମାନଙ୍କ ମଧ୍ୟରେ ଆଶା ସଞ୍ଚାର ହୋଇଥିଲା। ହେଲେ ଏସବୁ ବେଖାତିରେ କଲାଭଳି ମନୋଭାବ ପୋଷଣ କରାଯିବା ଦୁଃଖର ବିଷୟ ସାଜିଛି। ତେବେ ବାଉଁଶନାଳି ସେତୁ ତଳେ ପକାଯାଉଥିବା ଅପରିଷ୍କାର ସବୁ ବୈତରଣୀରେ ମିଶିବା ଆରମ୍ଭ କଲାଣି।



ଆବର୍ଜନାରେ ଭର୍ତ୍ତି ବୈତରଣୀ ଜଳ।

ଦୁଇ ଦିନ ତଳେ ହୋଇଥିବା ଲଘୁଚାପ ବର୍ଷାରେ ବାଉଁଶନାଳିରେ ହୋଇଥିବା ପାଣି ନଦୀକୁ ନିଷ୍କାସିତ ହେଉଥିବାବେଳେ ସେଠାରେ ପଡିରହିଥିବା ଆବର୍ଜନା ସବୁ ବୈତରଣୀ ଜଳରେ ସିଧାସଳଖ ମିଶୁଛି, ଯାହାକି ଜଳକୁ ପ୍ରଦୂଷିତ କରିବା ସହିତ ବିଭିନ୍ନ ରୋଗର ଆଶଙ୍କା ପ୍ରକାଶ ପାଇଛି। ଘଟଣାକୁ ଗୁରୁତର ଭାବେ ଗ୍ରହଣ କରି ସ୍ଥାନୀୟ ପୌରପାଳିକା ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା ଜରୁରୀ ହୋଇପଡିଛି।

# ଦୁର୍ଗମ ଗାଁ ଦଳିକି, ରତ୍ନମରା, ପିତାନାଉ

- ରାସ୍ତା ନ ଥିବାରୁ ପାଲଟିଛି ବିଚ୍ଛିନ୍ନାଞ୍ଚଳ
- ହଦଗଡ଼ ଡ୍ୟାମ ହେବା ପରେ ବିସ୍ଥାପିତ ସାଜିଛନ୍ତି ବେସାହାରା

ଶୁଭକାନ୍ତ ନାୟକ
ହାଟଡିହୀ, ୨୩।୬(ଡି.ଏନ.ଏ.)

କେନ୍ଦୁଝର ଜିଲାର ହାଟଡିହୀ ବ୍ଲକ ଅଧୀନ ବଣପାହାଡ ଘେରା ହଦଗଡ଼ ପଞ୍ଚାୟତର ଦଳିକି, ରତ୍ନମରା, ପିତାନାଉ ପ୍ରଭୃତି ଗାଁକୁ ରାସ୍ତା ନ ଥିବାରୁ ଏହି ଇଲାକା ଦୁର୍ଗମ ଓ ଅବହେଳିତ ହୋଇ ରହିଛି। ୧୯୭୦ରେ ସାଳନ୍ଦୀ ନଦୀରେ ହଦଗଡ଼ ଡ୍ୟାମ ହେବା ସମୟରେ ବିସ୍ଥାପିତ ହୋଇଥିବା ଗ୍ରାମବାସୀ ଏଠାକାର ହସ୍ତୀ ଅଭୟାରଣ୍ୟ ମଧ୍ୟକୁ ଚାଲି ଆସି ବସତି ସ୍ଥାପନ କରି ଏହି ୩ ଗାଁରେ ବସବାସ କରୁଛନ୍ତି। ବିସ୍ଥାପନ ସମୟରେ ସେମାନଙ୍କୁ ମିଳିଥିଲା ନା କ୍ଷତିପୂରଣ ନା ଥଇଥାନର ସୁଯୋଗ। ସେବେଠାରୁ ଅସହାୟ ଅବସ୍ଥାରେ ଜଙ୍ଗଲ ଉପରେ ନିର୍ଭର କରି ଚଳୁଛନ୍ତି।

ଜଙ୍ଗଲ ମୁଲକରେ ଥିବା ଏହି ୩ ଗାଁ ହଦଗଡ଼ ପଞ୍ଚାୟତ ଅଧୀନ ରହିଛି। ସାଳନ୍ଦୀ ନଦୀ ଯୋଗୁ ସେମାନେ ନଦୀର ଗୋଟେ ପଟେ ବିଚ୍ଛିନ୍ନାଞ୍ଚଳବାସୀ ଭାବେ ଜୀବନ ବିତାଉଛନ୍ତି। ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ବି ଏସବୁ ଗାଁକୁ ଛୁଇଁନି ବିକାଶଧାରା । ଯାତାୟତ ଲାଗି ରାସ୍ତା ନ ଥିବାରୁ ଗ୍ରାମବାସୀ ହୁଲି ଡଙ୍ଗା ସାହାଯ୍ୟରେ ସାଳନ୍ଦୀ ନଦୀ ପାର ହୋଇ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥାନ୍ତି । ପ୍ରତିମାସ ଯୋଗାଣ ସାମଗ୍ରୀ ନେବାକୁ ସେମାନେ ନଦୀ ପାର ହୋଇ ଆସୁଥିବା କହିଛନ୍ତି। ପୂର୍ବରୁ ଡଙ୍ଗାରେ ନଦୀ ପାର ହେବା ବେଳେ ଦୁର୍ଘଟଣା ଘଟି ୩ଜଣଙ୍କର ଜୀବନ ଯାଇଛି। ହଦଗଡ଼ରୁ ଏସବୁ ଗାଁକୁ ସ୍ଥାୟୀ ରାସ୍ତା ନିର୍ମାଣ କରାଯିବା ଲାଗି ଏହି ଗ୍ରାମବାସୀ ବାରମ୍ବାର ଦାବି କରି ପ୍ରଶାସନର ଅଣଦେଖା ଯୋଗୁ ନିରାଶ ହୋଇଛନ୍ତି। ବର୍ତ୍ତମାନର ଆନନ୍ଦପୁର ବିଧାୟକ ଭାଗୀରଥୀ ସେଠୀ ଏହି ଦୁର୍ଗମ ଗାଁକୁ ରାସ୍ତା ନିର୍ମାଣ ଲାଗି ଅଣ୍ଟା ଭିଡ଼ି ପ୍ରଶାସନ ସହ ଆଲୋଚନା କରିଥିବା ସୂଚନା ମିଳିବା ପରେ ଗ୍ରାମବାସୀ ଭାଗ୍ୟ ବଦଳିବା ଆଶାରେ ଉତ୍ସାହିତ ହୋଇ ଉଠିଛନ୍ତି।

ହାଟଡିହୀ ବ୍ଲକଠାରୁ ଏହି ୩ ଗାଁର ଦୂରତା ପ୍ରାୟ ୪୦ କି.ମି. ହେବ । ହଦଗଡ଼ ଡ୍ୟାମ ନିର୍ମାଣ ସମୟରେ ବିସ୍ଥାପିତ ହେବାରୁ ସେମାନଙ୍କର ଜମି ସବୁ ଜଳସେଚନ ବିଭାଗ ଅଧୀନକୁ ଚାଲିଯାଇଥିଲା। ଥଇଥାନ ଲାଗି ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା ନ ହେବାରୁ ସେମାନେ ହଦଗଡ଼ ହସ୍ତୀ ଅଭୟାରଣ୍ୟ ମଧ୍ୟକୁ ଚାଲି ଆସି ବସତି ସ୍ଥାପନ କରିଥିବାରୁ ଜଙ୍ଗଲ ବିଭାଗର ନିୟମ ସେମାନଙ୍କ ବିକାଶରେ ଅନ୍ତରାୟ ସୃଷ୍ଟି କରିଛି। ଏହି ୩ ଗାଁରେ ଏବେ ୩ଶହରୁ ଉର୍ଦ୍ଧ୍ୱ ପରିବାର ରହୁଛନ୍ତି। ଲୋକ ସଂଖ୍ୟା ୩ ହଜାରରୁ ଅଧିକ । ପ୍ରତି ନିର୍ବାଚନ ବେଳେ ବିଭିନ୍ନ ଦଳର ନେତା ଆସି ପ୍ରତିଶ୍ରୁତି ଦେଉଥିଲେ ବି ତାହା ପ୍ରତାରଣା ପାଲଟିଛି। ସେମାନେ ସରକାରଙ୍କଠାରୁ ଯୋଗାଣ ସମାଗ୍ରୀ ବ୍ୟତୀତ ଅନ୍ୟ କିଛି ସହାୟତା ପାଇ ପାରି ନାହାନ୍ତି। ଜଙ୍ଗଲ ବିଭାଗର ନିୟମ ଯୋଗୁ ସେମାନେ ମୌଳିକ ଅଧିକାରରୁ ବଞ୍ଚିତ ହେଉଥିବା ଅଭିଯୋଗ କରୁଛନ୍ତି।

ଉଲ୍ଲେଖନୀୟ ଯେ, ୨୦୦୯ ରୁ ୨୦୧୪ ପର୍ଯ୍ୟନ୍ତ ଭାଗୀରଥୀ ସେଠୀ ବିଧାୟକ ଥିବା ବେଳେ ଦଳିକିରୁ ହଦଗଡ଼ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ବିଭିନ୍ନ ସ୍ତରରେ ଦାବି ଉଠାଇଥିଲେ। ୨୦୧୪ ପରେ ଏହି ରାସ୍ତା ନିର୍ମାଣ ପରିକଳ୍ପନା ଶୀତଳ ଭଣ୍ଡାରରେ ରହିଯାଇଥିଲା। ସେ ଏଥର ପୁନଃ ନିର୍ବାଚିତ ହେବାରୁ ଏହି ଦୁର୍ଗମ ଇଲାକାକୁ କିଭଳି ରାସ୍ତା ନିର୍ମାଣ ହେବ ସେନେଇ ପ୍ରଚେଷ୍ଟା ଆରମ୍ଭ କରିଛନ୍ତି। ଏହାମଧ୍ୟରେ ସେ ହାଟଡିହୀ ବିଡିଓ ଓ ଆନନ୍ଦପୁର ଡିଏଫଓଙ୍କ ସହ କଥା ହୋଇ ରାସ୍ତା ନିର୍ମାଣ ଲାଗି ପଦକ୍ଷେପ ନେବାକୁ ଜଣାଇଥିବା କହିଛନ୍ତି। ଏହି ପରିପ୍ରେକ୍ଷୀରେ ଦଳିକି, ରତ୍ନମରା, ପିତାନାଉ ଗ୍ରାମବାସୀ ରାସ୍ତା ହେଲେ ସେମାନଙ୍କ ଭାଗ୍ୟୋଦୟ ଘଟିବ ବୋଲି ପ୍ରକାଶ କରିଛନ୍ତି ।

## ସଂକ୍ଷେପରେ

### ଅପହୃତା ନାବାଳିକା ଉଦ୍ଧାର

**ବାଙ୍ଗିରିପୋଷି,୨୩।୬(ଡି.ଏନ.ଏ):** ବାଙ୍ଗିରିପୋଷି ଥାନା ଅଞ୍ଚଳର ଜୈନିକା ନାବାଳିକାଙ୍କୁ ଅପହରଣ କରି ନେଇଥିବା ଅଭିଯୋଗରେ ଅଭିଯୁକ୍ତ ଯୁବକଙ୍କୁ ପୋଲିସ ଅଟକ ରଖିବା ସହ ନାବାଳିକାଙ୍କୁ ଉଦ୍ଧାର କରିଛି। ବାହାରେ ରହି ଷଷ୍ଠ ଶ୍ରେଣୀରେ ପଢୁଥିବା ନାବାଳିକା ଜଣକ କିଛି ଦିନ ତଳେ ଘରକୁ ଆସିଥିଲେ । ଗତ ଗୁରୁବାର ରାତିରେ ବାଙ୍ଗିରିପୋଷି ଥାନା ଅନ୍ତର୍ଗତ କଣ୍ଟାଶୋଲା ଗ୍ରାମର ଜଣେ ଯୁବକ ତାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଅପହରଣ କରିନେଇ ତାଙ୍କ ଘରେ ରଖିଥିଲେ । ଏକଥା ନାବାଳିକାଙ୍କ ପରିବାର ଲୋକେ ଜାଣି କଥାବାର୍ତ୍ତା ମାଧମରେ ସମାଧାନ କରି ଝିଅକୁ ଫେରାଇ ଆଣିବାକୁ ସଂପୃକ୍ତ ଯୁବକଙ୍କ ଘରକୁ ଯାଇଥିଲେ। ମାତ୍ର ଯୁବକ ଓ ତାଙ୍କ ପରିବାର ଲୋକେ ନାବାଳିକାଙ୍କ ପରିବାର ଲୋକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ ମାରିଥିବା ରବିବାର ଥାନାରେ ଅଭିଯୋଗ ହୋଇଛି। ବାଙ୍ଗିରିପୋଷି ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଯୁବକଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ନାବାଳିକାଙ୍କ ଡାକ୍ତରୀ ମାଇନା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି।

### ଲକ୍ଷ୍ମୀକାନ୍ତ କଲେଜରେ ବଢ଼ିଲା ସମ୍ମାନ ସିଟ୍ ସଂଖ୍ୟା

**ବାଙ୍ଗିରିପୋଷି,୨୩।୬(ଡି.ଏନ.ଏ):** ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ସ୍ଥିତ ଲକ୍ଷ୍ମୀକାନ୍ତ କଲେଜର ସମ୍ମାନ ସିଟ୍ ସଂଖ୍ୟା ବୃଦ୍ଧି ହୋଇଛି। ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ବାଲେଶ୍ୱରଙ୍କ ପତ୍ର ସଂଖ୍ୟା ୩୫୫୮/୨୧।୬।୨୦୧୯ କ୍ରମେ ଏହି କଲେଜର ୧୯୨ ସିଟ ସମ୍ମାନ ଶ୍ରେଣୀରେ ଅନ୍ତର୍ଭୁକ୍ତ ହୋଇଛି । ଏ ସଂକ୍ରାନ୍ତରେ ମହାବିଦ୍ୟାଳୟର ଅଧକ୍ଷା ଡା. ପୁଷ୍ପା ପାତ୍ର ଚିଠି ନଂ. ୬୨୫/୨୯।୧୧।୨୦୧୮ ଜରିଆରେ ଆବେଦନ କରିଥିଲେ। ପୂର୍ବରୁ ଏହି ମହାବିଦ୍ୟାଳୟରେ ଓଡ଼ିଆ, ଇତିହାସ, ଶିକ୍ଷା, ରାଜନୀତି ବିଜ୍ଞାନ, ଅର୍ଥଶାସ୍ତ୍ର, ଇଂଲିଶ ଏବଂ ସଂସ୍କୃତ ସମ୍ମାନରେ ମୋଟ ୧୪୪ଟି ସିଟ ଥିବାବେଳେ ୪୮ଟି ପାସ୍ ସିଟ ରହିଥିଲା। ଚଳିତ ବର୍ଷ ଅଧକ୍ଷା ଡା. ପାତ୍ରଙ୍କ ପ୍ରତ୍ୟକ୍ଷ ଉଦ୍ୟମରେ ଓଡ଼ିଆ, ଇତିହାସ ଓ ଶିକ୍ଷା ବିଭାଗରେ ୨୪ଟି ସିଟରୁ ୩୨ ସିଟ, ସଂସ୍କୃତ ସମ୍ମାନରେ ୧୬ ରୁ ୩୨ ସିଟ ଏବଂ ଇଂଲିଶ ସମ୍ମାନରେ ୧୬ ରୁ ୨୪ ସିଟ ବୃଦ୍ଧି ପାଇଛି । ରାଜନୀତି ବିଜ୍ଞାନରେ ୨୪ ଓ ଅର୍ଥଶାସ୍ତ୍ରରେ ୧୬ଟି ସିଟ ପାଇଁ ଅନର୍ସ ରହିଛି । ସମସ୍ତ ସିଟ ଅନର୍ସରେ ପରିଣତ ହେବା ଯୋଗୁ ଏହି କଲେଜରେ ନାମ ଲେଖାଉଥିବା ଦୂରଦୂରାନ୍ତର ଛାତ୍ରୀଛାତ୍ର ସମ୍ମାନ ଶ୍ରେଣୀରେ ପଢିବାର ସୁଯୋଗ ପାଇବେ ବୋଲି ଜଣାପଡିଛି । ଏଥିପାଇଁ ଛାତ୍ରୀଛାତ୍ରଙ୍କ ସମେତ ଅଧାପିକା, ଅଧାପିକ ତଥା ଅଭିଭାବକଙ୍କ ମହଲରେ ଆନନ୍ଦ ପ୍ରକାଶ ପାଇଛି ।

### ଆଜସୁ ପାର୍ଟିର ସ୍ଥାପନା ଦିବସ ପାଳିତ

ବାରିପଦା ଅଫିସ,୨୩।୬: ବାରିପଦା ପାଲବଣୀସ୍ଥିତ ଆଜସୁ ପାର୍ଟିର ଜିଲା ସମ୍ପର୍କ କାର୍ଯ୍ୟାଳୟ ପରିସରରେ ୩୪ତମ ସ୍ଥାପନା ଦିବସ ପାଳିତ ହୋଇଯାଇଛି। ବାରିପଦା ବ୍ଲକ ସଭାପତି ଓ ସଂଯୋଜକଙ୍କ ଅଧକ୍ଷତାରେ ସ୍ଥାପନା ଦିବସକୁ ସଙ୍କଳ୍ପ ଦିବସ ଭାବେ ପାଳନ କରାଯାଇଥିଲା। ଆସନ୍ତା ୩୦ ତାରିଖରେ ସିଦୁ କାହ୍ନୁ ହୁଲମାହା ଦିବସ ସୁଦ୍ଧା ମୟୂରଭଞ୍ଜ ଜିଲାର ପ୍ରତ୍ୟେକ ଗ୍ରାମରେ ଗ୍ରାମସଭା ମାଧମରେ ୨୦୦୬ ମସିହା ଜଙ୍ଗଲ ଜମି ଅଧିକାର ଆଇନ ପୂର୍ବପରି ବଳବତ୍ତର ରହିବା ସହିତ ଆଇନ ଅନୁସାରେ ଜଙ୍ଗଲ ଜମିର ଅଧିକାର ସାବ୍ୟସ୍ତ କରିବା ହେବ। ଏହାକୁ ମୟୂରଭଞ୍ଜ ଆଜସୁ ପାର୍ଟି ପକ୍ଷରୁ ଗ୍ରାମର ମାଝୀ ବାବାମାନଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ କରାଯାଇଥିଲା। ଶେଷରେ ଆଜସୁର ସହିଦ ହୋଇଥିବା କ୍ରାନ୍ତିକାରୀ ବୀରମାନଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା। ରାଜ୍ୟ ସମ୍ପାଦକ ଆନ୍ତା ଆଲୋକ ବାସ୍କେ, ଜିଲା ସଭାପତି ଶରତଚନ୍ଦ୍ର ମହାନ୍ତ, ଉପସଭାପତି ମହାଦେବ ଟୁଡୁ, ଜିଲା ସମ୍ପାଦକ ଲାଦୁରାମ ସରେନ, ଜିଲା ପ୍ରବକ୍ତା ଗୋପୀନାଥ ବାସ୍କେ, ବାରିପଦା ବ୍ଲକ ସଭାପତି ନଗେନ୍ଦ୍ର ବାସ୍କେ, ଉପସମ୍ପାଦକ ବିଶ୍ୱନାଥ ହେମ୍ବ୍ରମ ଉପସ୍ଥିତ ଥିଲେ।

### ଡିଜିଟାଲ ଗ୍ରାମରେ ମୃତ୍ତିକା ପରୀକ୍ଷା

**ବଡସାହି,୨୩।୬(ସ୍ୱ.ପ୍ର):** ମୟୂରଭଞ୍ଜ ଜିଲା ପ୍ରତାପପୁର ଗ୍ରାମକୁ କେନ୍ଦ୍ର ଇଲେକଟ୍ରୋନିକ୍ସ ଏବଂ ସୂଚନା ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଡିଜିଟାଲ ଗ୍ରାମ ରୂପେ ଘୋଷଣା କରାଯାଇଛି। ଏହି ଗ୍ରାମକୁ ପୂର୍ଣ୍ଣ ରୂପରେ ଗଢ଼ିବା ପାଇଁ ସିଏସସି ପରିଚାଳକ ଜୟନ୍ତ କୁମାର ବାରିକଙ୍କୁ ଦାୟିତ୍ୱ ପ୍ରଦାନ କରିବା ପରେ ଗ୍ରାମରେ ମୃତ୍ତିକା ପରୀକ୍ଷା ଅଭିଯାନ ରବିବାର ଆରମ୍ଭ କରାଯାଇଛି। ଏଥିରେ ଶତାଧିକ ଚାଷୀ ଉପସ୍ଥିତ ଥିଲେ । ଇଫକୋର କ୍ଷେତ୍ର ଅଧିକାରୀ ଶୁଭଜିତ୍ ସାହୁ ଯୋଗଦେଇଥିଲେ।

■ ୱାଲ ପେଣ୍ଟିଂଟେଣ୍ଡରରେ ଜାଲିଆତି

# ୬ ମାସ ପରେ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ

**ଧରିତ୍ରୀ ପ୍ରଭାବ**

**ବାରିପଦା ଅଫିସ,୨୩।୬**

ମୟୂରଭଞ୍ଜ ଜିଲା ଅନ୍ତର୍ଗତ ୨୬ ଟି ବ୍ଲକର ୫୨୦ ବିଦ୍ୟାଳୟର ୱାଲ ପେଣ୍ଟିଂ ପାଇଁ ଆହ୍ୱାନ କରାଯାଇଥିବା ଟେଣ୍ଡରରେ ଜାଲିଆତି ହୋଇଥିଲା। ଏନେଇ 'ଧରିତ୍ରୀ' ପକ୍ଷରୁ ୨୦୧୮ ଡିସେମ୍ବର ୨୨ରେ ଏକ ତଥ୍ୟ ଓ ମତାମତ ଭିତ୍ତିକ ରିପୋର୍ଟ ପ୍ରକାଶ ପାଇଥିଲା। ଏହି ରିପୋର୍ଟକୁ ଆଧାର କରି ଜିଲା ପ୍ରଶାସନ ଜାଲିଆତି କରିଥିବା ସଂସ୍ଥାକୁ କଳା ତାଲିକାଭୁକ୍ତ କରଛି। ଏଥିସହ ଆଇନ ଅନୁଯାୟୀ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ପଦକ୍ଷେପ ନିଆଯାଇଛି।

ଉଲ୍ଲେଖନୀୟ ଯେ, ୱାଲ ପେଣ୍ଟିଂ ପାଇଁ ଗତ ଡିସେମ୍ବରରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସଡିସି) ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏହି ଟେଣ୍ଡର ପ୍ରକ୍ରିୟାରେ ନାୟକ ଆସୋସିଏଟ ନାମକ ଏକ ସଂସ୍ଥା ୨ ଲକ୍ଷ ଟଙ୍କାର ଜାଲ ଇଏମଡି ଦେଇଥିବା ଅଭିଯୋଗ ହୋଇଥିଲା । ଏଭଳି ଅନିୟମିତତା ସମ୍ପର୍କରେ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇବା ପରେ ଜିଲାପାଳ ବିନିତ ଭରଦ୍ୱାଜ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ପରେ ଏସଡିସି ନୋଡାଲ ଅଫିସର ତଥା ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ବିଜନ କୁମାର ଥମ୍ବ ଏହାର ତଦନ୍ତ କରି ଜିଲାପାଳ ଭରଦ୍ୱାଜଙ୍କୁ ରିପୋର୍ଟ ଦେଇଥିଲେ। ଉକ୍ତ ରିପୋର୍ଟକୁ ଭିତ୍ତି କରି ଜିଲାପାଳ ଭରଦ୍ୱାଜ ଗତ ତା ୬।୬।୨୦୧୯ରିଖରେ ଉକ୍ତ ସଂସ୍ଥାକୁ କଳା ତାଲିକାଭୁକ୍ତ କରିବା ସହିତ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଗତ ୨ ତାରିଖରେ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଥମ୍ବ ଉକ୍ତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଚିଠି ନଂ ୨୭୬ରେ ଲିଖିତ ଭାବେ ପୋଲିସକୁ ଜଣାଇଛନ୍ତି।

ଉଲ୍ଲେଖନୀୟ ରବିବାର ସରକାରୀ କାର୍ଯ୍ୟାଳୟ ଛୁଟି ଥିବା ବେଳେ ଏନେଇ ଏସଡିସି କାର୍ଯ୍ୟାଳୟ ଖୋଲାଥିବା ଦେଖିବାକୁ ମିଳିଥିଲା। ଠକେଇ କରିଥିବା ସଂସ୍ଥାର ଜଣେ କର୍ମଚାରୀ ଓ ଏସଡିସିର କର୍ମଚାରୀ ଉପସ୍ଥିତ ରହି ସରକାରୀ ଫାଇଲ ସଜାଡୁଥିବା ଅଭିଯୋଗ ହୋଇଛି। ଏହି ଘଟଣାର ଭିଡିଓ ଫୁଟେଜ ଗଣମାଧ୍ୟମର ହସ୍ତଗତ ହୋଇଛି। ଏ ସମ୍ପର୍କରେ ପିଏ ଆଇଟିଡିଏ ଥମ୍ବଙ୍କୁ ପଚାରିବାରୁ ଅଫିସରେ କୌଣସି ଫାଇଲ କାର୍ଯ୍ୟ ହୋଇ ନ ଥିବା କହିଛନ୍ତି। ପ୍ରକାଶ ଥାଉକି, ଉକ୍ତ ସଂସ୍ଥାକୁ ଏସଡିସି ପକ୍ଷରୁ ବିଭିନ୍ନ କାର୍ଯ୍ୟ ପୂର୍ବରୁ ପ୍ରଦାନ କରାଯାଇଛି। ଏହି ସଂସ୍ଥା ଦକ୍ଷିଣ ଓଡିଶାର ଏକ ଜିଲାରେ କାର୍ଯ୍ୟ କରିଥିବା ଅଭିଜ୍ଞତା ଆଣି ମୟୂରଭଞ୍ଜରେ ଦୀର୍ଘ ଦିନ ହେବ କାର୍ଯ୍ୟ କରି ଆସୁଛି। ଏହି ସଂସ୍ଥା କରିଥିବା ସମସ୍ତ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ କରିବା ପାଇଁ ଭାଜପା ଯୁବ ନେତା ଲକ୍ଷ୍ମଣ କୁମାର ତ୍ରିପାଠୀ ଦାବି କରିଛନ୍ତି। ତ୍ରିପାଠୀ ଗଣମାଧ୍ୟମ ନିକଟରେ ଏନେଇ ଅଭିଯୋଗ କଲାବେଳେ ଏସଡିସିରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ନେତୃବୃନ୍ଦଙ୍କୁ ଥଇଥାନର ସଂସ୍ଥା ପାଲଟିଛି ବୋଲି କହିଛନ୍ତି। ଧରାପଡିଥିବା ଅନିୟମିତତା ବିରୋଧରେ ଆବଶ୍ୟକ ପଦକ୍ଷେପ ନିଆ ନ ଗଲେ ଏସଡିସି କାର୍ଯ୍ୟାଳୟକୁ ଘେରାଉ କରାଯିବ ବୋଲି ସେ କହିଛନ୍ତି।

## ଅଗ୍ନିଶମ ବିଭାଗର ମକ୍‌ଡ୍ରିଲ



ମକ୍‌ଡ୍ରିଲରେ ଯୋଗଦେଇଥିବା ଅଗ୍ନିଶମ ବିଭାଗ କର୍ମଚାରୀ।

**ବିଶୋଇ,୨୩।୬(ଡି.ଏନ.ଏ.)**

ଜିଲା ଜରୁରିକାଳୀନ ବିଭାଗ ସଂଯୋଜନାରେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ବିଶୋଇ ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ମକଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ବିବୁଧ ଗଡ଼ନାୟକଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶୋଇ ଅଗ୍ନିଶମ ସେବାକେନ୍ଦ୍ର ଅଧିକାରୀ କାହ୍ନୁଚରଣ କିସ୍କୁଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅଗ୍ନିକ ବସନ୍ତ କୁମାର ମଲ୍ଲିକ, ଗାଡି ଚାଳକ ହିମାଂଶୁ ଶେଖର ରାଉତରାୟ, ଅଗ୍ନିକ ସତ୍ୟବ୍ରତ ପୁହାଣ, ସୁରେଶ ସେଠୀ, ପରମାନନ୍ଦ ସର୍ଦ୍ଦାର ପ୍ରମୁଖ ଯୋଗଦେଇ ଉଦ୍ଧାର କୌଶଳ, ପ୍ରାଥମିକ ଚିକିତ୍ସା କୌଶଳ ସମ୍ବନ୍ଧରେ ଅଭ୍ୟାସ ପ୍ରଦର୍ଶନ କରିଥିଲେ। ଏଥିରେ ବ୍ଲକର କର୍ମଚାରୀ ତଥା ନିକଟସ୍ଥ ବହୁ ଜନସାଧାରଣ ଉପସ୍ଥିତ ଥିଲେ।

# ଭାଜପାର ମିଶ୍ରଣ ପର୍ବ, ସମ୍ବର୍ଦ୍ଧନା ସଭା



ଭାଜପାର ମିଶ୍ରଣ ପର୍ବ ଓ ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥି ।

**ବୈଶିଙ୍ଗା,୨୩।୬**

ବୈଶିଙ୍ଗା ଥାନା ଓ ବଡ଼ସାହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପୁରୁଣିଆ ଗ୍ରାମରେ ଶୁକ୍ରବାର ଭାଜପା ପକ୍ଷରୁ ମିଶ୍ରଣ ପର୍ବ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପୁରୁଣିଆ ସରପଞ୍ଚ ଲକ୍ଷ୍ମୀପ୍ରିୟା ସିଂ ଓ ପୂର୍ବତନ ସରପଞ୍ଚ ବିଜୟ କୁମାର ପଣ୍ଡା ପ୍ରାୟ ୫ଶହ ସମର୍ଥକଙ୍କ ସହ ଭାଜପାରେ ଯୋଗଦେଇଥିଲେ। ସଭାରେ ବଡ଼ସାହି ବିଧାୟକ ସନାତନ ବିଜୁଳି, ମୟୂରଭଞ୍ଜ ଜିଲା ଭାଜପା ସଭାପତି କୃଷ୍ଣଚନ୍ଦ୍ର ମହାପାତ୍ର, ଜିଲା ପରିଷଦ ଅଧକ୍ଷା ସୁଜାତା ମୁର୍ମୁ, ଜିଲା ସଭାପତି ସୁବାସ ଚନ୍ଦ୍ର ପ୍ରଧାନ, ସୁନୀଲ କୁମାର ଦାଶ, ଜିଲା ଭାଜପା ଯୁବ ସଭାପତି କୁମାର ମଙ୍ଗଳମ, ଜିଲା ଭାଜପା ସମ୍ପାଦକ ବୀରେନ୍ଦ୍ର ପ୍ରଧାନ, ୩ ନଂ. ଭାଜପା ମଣ୍ଡଳ ସଭାପତି ରତିକାନ୍ତ ମହାନ୍ତି, ୩୭ ନଂ. ଜୋନ୍ ମଣ୍ଡଳ ସଭାପତି ସର୍ବେଶ୍ୱର ନାଏକ, ୩୫ ନଂ ଜୋନ୍ ମଣ୍ଡଳ ସଭାପତି ରାଜକିଶୋର ଶାହା, ଜିଲା କାର୍ଯ୍ୟକାରୀ ସଭ୍ୟ ପ୍ରଦୀପ କୁମାର ପରିଡ଼ା ଓ ଶଶୀଶେଖର ପଣ୍ଡା ପ୍ରମୁଖ ଏଥିରେ ଯୋଗଦେଇଥିଲେ।

## ପୁରୁଣା ବାରିପଦା ଉପ ଡାକଘର ଅଚଳ

**କୁଆମରା,୨୩।୬(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ ପୁରୁଣା ବାରିପଦା ସବ ପୋଷ୍ଟ ଅଫିସ ୩ ସପ୍ତାହ ହେଲା ଅଚଳ ହୋଇ ପଡିଛି। ଗତ ୩ ତାରିଖରୁ ଏହି ପୋଷ୍ଟ ଅଫିସଗୁଡ଼ିକରେ କୌଣସି ଦେଣନେଣ କାର୍ଯ୍ୟ ହୋଇପାରୁ ନ ଥିବାବେଳେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବାଧା ଉପୁଜିଛି। ଉକ୍ତ ସବ ପୋଷ୍ଟ ଅଫିସରେ ପୂର୍ବରୁ କାର୍ଯ୍ୟରତ ପୋଷ୍ଟମାଷ୍ଟରଙ୍କ ଅନ୍ୟତ୍ର ବଦଳି ହୋଇଯିବା ପରେ ଗତ ୩ ତାରିଖରେ ଅନ୍ୟ ଜଣେ ପୋଷ୍ଟମାଷ୍ଟର କାର୍ଯ୍ୟରେ ଯୋଗ ଦେଇଛନ୍ତି। କମ୍ପ୍ୟୁଟର କାମ ହୋଇପାରୁ ନ ଥିବାରୁ ଦେଣନେଣ ହୋଇପାରୁ ନାହିଁ। ଯଥା ଶୀଘ୍ର ଏହାର ସମାଧାନ ନ ହେଲେ ଅଞ୍ଚଳବାସୀ ଆନ୍ଦୋଳନ କରିବେ ବୋଲି କହିଛନ୍ତି।

## ବର୍ଜ୍ୟବସ୍ତୁ ପରିଚାଳନା ପ୍ରଶିକ୍ଷଣ

**ଉଦଳା,୨୩।୬(ଡି.ଏନ.ଏ.)**

ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ରବିବାର କାର୍ଯ୍ୟାଳୟ ପରିସରରେ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରତନ କୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭାଗୀୟ ଅଧିକାରୀ ଗୌରୀଶଙ୍କର ନାୟକ, ସଞ୍ଜୟ କୁମାର ପାଢୀ ପ୍ରମୁଖ ଯୋଗ ଦେଇଥିଲେ। ବର୍ଜ୍ୟବସ୍ତୁକୁ କିପରି ସୁପରିଚାଳନା କରାଯାଇ ପରିବେଶ ପରିଷ୍କାର ରଖାଯାଇପାରିବ ତାହା ଉପରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ ଆଲୋଚନା କରିଥିଲେ। ଏହି ଅବସରରେ ସଫେଇ କର୍ମଚାରୀଙ୍କୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦାନ ନେଇ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟାଳୟର କର୍ମଚାରୀ ସରୋଜ କୁମାର ପାଣି, ଶିବନାରାୟଣ ମହାନ୍ତି, ଦାସରଥୀ ପରିଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଶିବିରରେ ଉପସ୍ଥିତ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅନ୍ୟମାନେ।

# ନିଖୋଜ ଜମାଦାରଙ୍କ ମୃତଦେହ ଜଙ୍ଗଲରୁ ଉଦ୍ଧାର

**ଠାକୁରମୁଣ୍ଡା,୨୩।୬(ଡି.ଏନ.ଏ)**

ଗତ ୧୮ ତାରିଖରୁ ନିଖୋଜ ଥିବା କରଞ୍ଜିଆ ଉପକାରାଗାରର ଜମାଦାର ସୁକାନ୍ତ ବେହେରାଙ୍କ ଗଳିତ ମୃତଦେହ ରବିବାର କରଞ୍ଜିଆ–ଯଶିପୁର ରାସ୍ତାର ଗ୍ରୀଡ୍ ଷ୍ଟେଶନ ସମ୍ମୁଖ ଜଙ୍ଗଲର ଏକ ଶାଳଗଛରେ ଝୁଲୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଛି। ଉପକାରାଗାର କର୍ତ୍ତୃପକ୍ଷଙ୍କ ମାନସିକ ଚାପରେ ସେ ଆତ୍ମହତ୍ୟା କରିଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। କରଞ୍ଜିଆ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୫/୧୯) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

ପୋଲିସ ସୂଚନା ଅନୁଯାୟୀ, ଏକ ନରହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହେବାପରେ ଯାଜପୁର ଜେଲରେ ଆଜୀବନ ସଜା କାଟୁଥିବା ଯାଜପୁର ଜିଲା କାଳିଆପାଣି ଥାନା ଅନ୍ତର୍ଗତ ଚଟୁରସାହି ଗ୍ରାମର ଭଗବାନ ଟୁଡୁ ନାମକ ଜଣେ କଏଦୀଙ୍କୁ ଗତ ତା ୧୯।୮।୧୭ ରିଖରେ କରଞ୍ଜିଆ ଉପକାରାଗାରକୁ ସ୍ଥାନାନ୍ତର କରାଯାଇଥିଲା। ଉପକାରାଗାର ପରିସରରେ ଥିବା ବଗିଚାରେ ପନିପରିବା ଚାଷ ନିମନ୍ତେ ନିୟମିତ ବନ୍ଦୀମାନଙ୍କୁ ଅଣାଯାଇ କାର୍ଯ୍ୟ କରାଯାଉଥିବା ବେଳେ ଭଗବାନ ମଧ୍ୟ ଆସି କାର୍ଯ୍ୟ କରୁଥିଲେ। ଗତ ୧୯ ତାରିଖରେ ଭଗବାନ ବଗିଚାରେ କାମ କରିବାକୁ ଯାଇ ଆଉ କାରାଗାର ଭିତରକୁ ଫେରି ନ ଥିବା ଜଣାପଡ଼ିଥିଲା। ସେତେବେଳେ ଡ୍ୟୁଟିରେ ଥିବା ଜମାଦାର ସୁକାନ୍ତ ବେହେରାଙ୍କୁ ଉପକାରାଗାର ଦାୟିତ୍ୱରେ ଥିବା ଜଣେ ଅଧିକାରୀ କର୍ତ୍ତବ୍ୟରେ ଅବହେଳା ଲାଗି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଧମକ ଦେଇଥିଲେ। ଏ ସମ୍ପର୍କରେ ଜମାଦାର ସୁକାନ୍ତଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏପରିକି କଏଦୀ ଫେରାର ପରେ ତୁରନ୍ତ ଥାନାରେ ସୂଚନା ଦିଆ ନ ଯାଇ ୩ ଦିନ ପର୍ଯ୍ୟନ୍ତ କାରାଗାର କର୍ମଚାରୀଙ୍କୁ ନେଇ ଜେଲ କର୍ତ୍ତୃପକ୍ଷ ବାରମ୍ବାର ବୈଠକ କରିଥିଲେ। ଏହା ମଧ୍ୟରେ ଫେରାର କଏଦୀର ସନ୍ଧାନ ପାଇବା ପାଇଁ କସରତ କରାଯାଇଥିଲା। ଏଥିରେ ବିଫଳ ହେବାରୁ ଶେଷରେ ଗତ ୨୦ ତାରିଖରେ କରଞ୍ଜିଆ ଥାନାରେ ଏତଲା ଦିଆଯାଇଥିଲା। ୧୮ ତାରିଖରେ ହୋଇଥିବା ଶେଷ ବୈଠକରେ ଜମାଦାର ବେହେରା ଉପସ୍ଥିତ ଥିଲେ। ବୈଠକରୁ ଫେରିବା ପରେ ସେ ମାନସିକ ଚାପରେ ଅଛନ୍ତି ବୋଲି ପରିବାର ଲୋକଙ୍କୁ କହି ରାତିରୁ ଏକ ସାଇକେଲ ଧରି ଘରୁ ବାହାରି ଯାଇଥିଲେ। ସେବେଠାରୁ ଆଉ ଘରକୁ ଫେରି ନ ଥିଲେ। ହାର୍ଟ ଓ କିଡ଼ନୀ ରୋଗ ଥିବାରୁ ତାଙ୍କୁ କୁଆଡ଼େ ନ ଯିବା ପାଇଁ ପରିବାର ଲୋକେ ବୁଝାଇଥିଲେ ମଧ୍ୟ ସେ ଶୁଣି ନ ଥିଲେ। ୧୮ ତାରିଖ ରାତିରେ ସୁକାନ୍ତ ଘରକୁ ନ ଫେରିବାରୁ ତାଙ୍କ ସ୍ତ୍ରୀ କରଞ୍ଜିଆ ଥାନାରେ ଲିଖିତ ଭାବେ ଜଣାଇଥିଲେ। ଏଥିନେଇ ଥାନାରେ ଏକ ନିଖୋଜ ମାମଲା ରୁଜୁ ହୋଇଥିଲା। ପରିବାର ଓ କାରାଗାର କର୍ମଚାରୀମାନେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ସୁକାନ୍ତଙ୍କ କୌଣସି ପତ୍ତା ମିଳି ନ ଥିଲା। ରବିବାର କରଞ୍ଜିଆ–ଯଶିପୁର ରାସ୍ତାର ଗ୍ରୀଡ୍ ଷ୍ଟେଶନ ସମ୍ମୁଖ ଜଙ୍ଗଲର ଏକ ଶାଳଗଛରେ ମୃତଦେହ ଝୁଲୁଥିବାର ଖବର ମିଳିବା ପରେ ଘଟଣାସ୍ଥଳକୁ ଲୋକଙ୍କ ସୁଅ ଛୁଟିଥିଲା। ମୃତଦେହ ପଚିସଢ଼ି ଯାଇଥିବାରୁ ଚିହ୍ନିବା କଷ୍ଟକର ହୋଇପଡ଼ିଥିଲା। ତେବେ ଅଳ୍ପଦୂରରେ ପଡ଼ିଥିବା ସାଇକେଲ ଓ ପିନ୍ଧିଥିବା ଶାର୍ଟ ପ୍ୟାଣ୍ଟରୁ ଉପକାରାଗାର କର୍ମଚାରୀ ଓ ପରିବାର ଲୋକେ ଏହା ସୁକାନ୍ତଙ୍କ ମୃତଦେହ ବୋଲି ଚିହ୍ନଟ କରିଥିଲେ। କରଞ୍ଜିଆ ଥାନା ଅଧିକାରୀ ଲକ୍ଷ୍ମୀଧର ସ୍ୱାଇଁ, ଏସ୍ଆଇ ରୋନିତା ପ୍ରଧାନଙ୍କ ସମେତ ଥାନାର ଅନ୍ୟ ପଦାଧିକାରୀଗଣ, ଉପକାରାଗାର ଅଧିକ୍ଷକ ଲକ୍ଷ୍ମୀଧର ମୁର୍ମୁ ଓ ଅନ୍ୟାନ୍ୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତଦେହକୁ ଉଦ୍ଧାର କରାଯିବା ପରେ କରଞ୍ଜିଆ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଯାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

## ଅଲ୍ ଓଡ଼ିଶା ସାନ୍ତାଳୀ ଗାର୍ଡିଆନ ଆକ୍ସନ କମିଟି ବୈଠକ

**ବାରିପଦା ଅଫିସ, ୨୩।୬**

ବାରିପଦା ସହର ସ୍ଥିତ ଲାୟନ୍ସ କ୍ଲବ ପରିସରରେ ଅଲ୍ ଓଡ଼ିଶା ସାନ୍ତାଳୀ ଗାର୍ଡିଆନ ଆକ୍ସନ କମିଟି ପକ୍ଷରୁ ଏକ ବୈଠକ ସଭାପତି ସୁନାରାମ ସୋରେନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୟୂରଭଞ୍ଜର ବିଭିନ୍ନ ଛାତ୍ର ସଂଗଠନର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ବୈଠକରେ ଜିଲାର ନବ ନିର୍ବାଚିତ ବିଧାୟକମାନଙ୍କୁ ଭୁବନେଶ୍ୱରଠାରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇ ଆସନ୍ତା ମୌସୁମୀ ଅଧିବେଶନ ପାଇଁ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ଆଦିବାସୀ କଲ୍ୟାଣ ମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କୁ ସାନ୍ତାଳୀ ଭାଷାକୁ ଓଡ଼ିଶାର ସଂଖ୍ୟାଲଘୁ ଭାଷାର ମାନ୍ୟତା ପ୍ରଦାନ କରାଯିବା ପାଇଁ ପ୍ରସ୍ତାବ ଉଠାଇ ଏହାକୁ ବିଧିବଦ୍ଧ ଭାବେ ଆଇନରେ ଲାଗୁ କରିବା ଲାଗି ବ୍ୟବସ୍ଥା କରିବାକୁ ଦାବିପତ୍ର ଦେବା ନେଇ ଆଲୋଚନା ହୋଇଥିଲା। ବାରିପଦା ଡିଆଇଇଟି ପ୍ରାଙ୍ଗଣରେ ସାନ୍ତାଳୀ ଡିଏଲଇଡି ତାଲିମ କେନ୍ଦ୍ର ଅସ୍ଥାୟୀ ଭାବେ ୨୦୧୨ ଠାରୁ ଆରମ୍ଭ କରାଯାଇଛି। ଉକ୍ତ ତାଲିମ ଅନୁଷ୍ଠାନର ନିଜସ୍ୱ ଗୃହ ନିର୍ମାଣ ପାଇଁ ବଜେଟ ଆକଳନ ପ୍ରସ୍ତୁତ ହୋଇଥିଲେ ମଧ୍ୟ ଅଦ୍ୟାବଧି ନିଜସ୍ୱ ଗୃହ ନିର୍ମାଣ ହୋଇପାରି ନାହିଁ। ତୁରନ୍ତ ଏହି ଗୃହ ନିର୍ମାଣ କରାଯିବା ଲାଗି ଦାବି କରାଯାଇଥିଲା। ଦିଲ୍ଲୀ ସ୍ଥିତ ନ୍ୟାଶନାଲ କମିଶନ ଫର୍ ଲିଙ୍ଗୁଏଷ୍ଟିକ ମାଇନୋରିଟିଙ୍କ ବାର୍ଷିକ ରିପୋର୍ଟ ଅନୁସାରେ ଭାଷାଗତ ସଂଖ୍ୟାଲଘୁ ଲୋକଙ୍କ ଅଭିଯୋଗ ଗ୍ରହଣ କରି ତୁରନ୍ତ ଫଇସଲା କରିବା ପାଇଁ ପ୍ରତ୍ୟେକ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତା ଏବଂ ଜିଲାପାଳଙ୍କ ଜରିଆରେ ଜିଲାସ୍ତରରେ ଏକ ସଂଖ୍ୟାଲଘୁ ଭାଷା କମିଟି ଗଠନ ହେବାର ନିୟମ ରହିଛି। ହେଲେ ଓଡ଼ିଶାରେ କୌଣସି କମିଟି ଗଠନ କରାଯାଇ ନାହିଁ। ତୁରନ୍ତ ଏହି କମିଟି ଗଠନ କରାଯାଉ ବୋଲି ବୈଠକରେ ଦାବି କରାଯାଇଥିଲା।

# କପ୍ତିପଦାରେ ମିଳୁନି ଉନ୍ନତମାନର ଧାନ ବିହନ

**କପ୍ତିପଦା,୨୩।୬(ଡିଏନଏ)**

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକରେ ଚାଷୀମାନେ ଖରିଫ ଚାଷ ପାଇଁ ପ୍ରସ୍ତୁତି ଆରମ୍ଭ କରିଥିବା ବେଳେ ଉନ୍ନତମାନର ଧାନ ବିହନ ମିଳୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। କାଳବୈଶାଖୀ ବର୍ଷା ରବି ଚାଷ କରିଥିବା କୃଷକଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଥିବା ବେଳେ ଏବେ ଧାନ ବିହନ ଅଭାବ ଯୋଗୁ ଚାଷ କାର୍ଯ୍ୟ ପ୍ରଭାବିତ ହୋଇଛି।

କପ୍ତିପଦା ବ୍ଲକ୍ ଅଧୀନରେ ଥିବା କପ୍ତିପଦା, ଶାଳଚୁଆ ଓ ଜାମୁଡିହା ଲ୍ୟାମ୍ପସ ପାଇଁ ବିଭାଗ ପକ୍ଷରୁ ଚଳିତ ବର୍ଷର ଖରିଫ ଚାଷ ପାଇଁ ୯୨୭ କୁଇଣ୍ଟାଲ ବିହନର ଇଣ୍ଡେନ ଦିଆଯାଇଥିବା ବେଳେ ଅଦ୍ୟାବଧି କପ୍ତିପଦା ଲ୍ୟାମ୍ପସକୁ ସ୍ୱର୍ଣ୍ଣ ୭୦ କୁଇଣ୍ଟାଲ, ପ୍ରତୀକ୍ଷା ୧୫ କୁଇଣ୍ଟାଲ, ସହଭାଗୀ ୫ କୁଇଣ୍ଟାଲ, ରାଣୀଧାନ ୫ କୁଇଣ୍ଟାଲ, ପୂଜା ୧୦ କୁଇଣ୍ଟାଲ ଓ ବୀଣା ୫ କୁଇଣ୍ଟାଲକୁ ମିଶାଇ ମୋଟ ୧୧୦ କୁଇଣ୍ଟାଲ ଯୋଗାଇ ଦିଆଯାଇ ଥିବା ବିଭାଗ ସୂତ୍ରରୁ ଜଣାଯାଇଛି। ସେହିପରି ଜାମୁଡିହା ଲ୍ୟାମ୍ପସକୁ ସ୍ୱର୍ଣ୍ଣ ୪୦ କୁଇଣ୍ଟାଲ, ରାଣୀଧାନ ୫ କୁଇଣ୍ଟାଲ, ପୂଜା ୫ କୁଇଣ୍ଟାଲ ଓ ବୀଣା ୧୦ କୁଇଣ୍ଟାଲ ମୋଟ ୬୦ କୁଇଣ୍ଟାଲ ଏବଂ ଶାଳଚୁଆ ଲ୍ୟାମ୍ପସ ପାଇଁ ପ୍ରଥମ ପର୍ଯ୍ୟାୟରେ ସ୍ୱର୍ଣ୍ଣ ୫୦ କୁଇଣ୍ଟାଲ, ସ୍ୱର୍ଣ୍ଣ ସବୁଆନ ୫ କୁଇଣ୍ଟାଲ, ସହଭାଗୀ ୫ କୁଇଣ୍ଟାଲ, ପ୍ରତୀକ୍ଷା ୧୫ କୁଇଣ୍ଟାଲ, ପୂଜା ୫ କୁଇଣ୍ଟାଲ, ବୀଣା ୫ କୁଇଣ୍ଟାଲ ଓ ରାଣୀ ୫ କୁଇଣ୍ଟାଲ ମୋଟ ୯୦ କୁଇଣ୍ଟାଲ ବିହନ ଆସିବା ଏମଡି ଚିତ୍ତରଞ୍ଜନ ଜେନା ପ୍ରକାଶ କରିଛନ୍ତି । ବର୍ଷା ପାଇଁ ନଷ୍ଟ ହୋଇଯିବା ସମ୍ଭାବନା ଥିବାରୁ ପର୍ଯ୍ୟାୟ କ୍ରମେ ବିହନ ମଗାଯିବ ବୋଲି ଶାଳଚୁଆ ଲ୍ୟାମ୍ପସ ଏମଡି ପ୍ରକାଶ କରିଛନ୍ତି। ବିହନର ଦର ବୃଦ୍ଧି ଓ ନିମ୍ନମାନର ବିହନ ପାଇଁ ଚଳିତ ବର୍ଷ ବିହନ ବିକ୍ରିରେ ମାନ୍ଦା ଅବସ୍ଥା ଦେଖାଦେଇ ଥିବା ଜଣାପଡିଛି । ବର୍ତ୍ତମାନ ଲ୍ୟାମ୍ପସଗୁଡ଼ିକରେ ଭଲ କିସମର ବିହନ ମିଳୁ ନ ଥିବାରୁ ବୁଣାକାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଚାଷୀ ରାମେଶ୍ୱର ବିଶ୍ୱାଳ, ସୁକୁଲ ମୁର୍ମୁ ପ୍ରକାଶ କରିଛନ୍ତି । ଚଳିତ ବର୍ଷ ଚାଷୀ ସହଳ ଚାଷକାର୍ଯ୍ୟ ପାଇଁ ସଜବାଜ ହେଉଥିବା ବେଳେ ବୁଣାବୁଣି ସମୟରେ ଉନ୍ନତମାନର ବିହନର ଅଭାବୀ ବିକ୍ରି ଚାଷକାର୍ଯ୍ୟକୁ ପ୍ରଭାବିତ କରିଛି । ଅନ୍ୟ ପକ୍ଷରେ ଏହି ବ୍ଲକର ଚାଷୀ ଖରାଦିନିଆ ଧାନ ଓ ଅଣଧାନ ଚାଷରେ ଅନେକ କ୍ଷତିର ସମ୍ମୁଖୀନ ହୋଇଛନ୍ତି । କପ୍ତିପଦା ବ୍ଲକ ଅନ୍ତର୍ଗତ ୨୬ଟି ପଞ୍ଚାୟତର ପ୍ରାୟ ୨୪ ହଜାରରୁ ଉର୍ଦ୍ଧ୍ୱ କୃଷକ ୨୧ ହଜାର ୭୮୫ ହେକ୍ଟର ଜମିରେ ଚାଷ କରିଥାନ୍ତି। ଏହି ଚାଷଜମି ମଧ୍ୟରୁ ୭ହଜାର ୨୮ ହେକ୍ଟର ଉଚ୍ଚଜମି ଥିବା ବେଳେ ୪ହଜାର ୬୦୩ ହେକ୍ଟର ମଧ୍ୟମ ଓ ୬ ହଜାର ୪୮୯ ହେକ୍ଟର ଖାଲୁଆ ଜମି ରହିଛି । ୧୩ ହଜାର ୩୭୧ ହେକ୍ଟର ଜମିର ଚାଷ ବୃଷ୍ଟି ଜଳ ଉପରେ ନିର୍ଭର କରୁଥିବା ବେଳେ ୭ ହଜାର ୯୨୯ ହେକ୍ଟର ଜମି ଜଳସେଚିତ । ଏହି ଜମିରେ ବିଶେଷ କରି ସ୍ୱର୍ଣ୍ଣ ଧାନ ଚାଷ କରି ଚାଷୀ ହେକ୍ଟର ପିଛା ୨୫ରୁ ୩୦ କୁଇଣ୍ଟାଲ ଧାନ ଅମଳ କରିଥାନ୍ତି । ବ୍ଲକରେ ଖରିଫ ଫସଲ ପାଇଁ ୧୮ ହଜାର ୩୮୦ ହେକ୍ଟର ଜମିରେ ଧାନଚାଷ ଓ ୩.୪୦୫ ହେକ୍ଟର ଜମିରେ ଅଣଧାନ ଚାଷ କରାଯାଇଥାଏ । ତେବେ ୪ବର୍ଷ ଧରି କୃଷି ବିଭାଗର ବିଚିତ୍ର ନୀତି ପାଇଁ ଚାଷୀମାନେ ହତୋତ୍ସାହିତ ହୋଇପଡ଼ିଛନ୍ତି । ଚାଷୀଙ୍କୁ ବିହନ, ସାର ଓ କୀଟନାଶକ ବିକ୍ରି ସମ୍ପ୍ରତି କୃଷି ବିଭାଗ ପରିବର୍ତ୍ତେ ସମବାୟ ବିଭାଗକୁ ଦିଆଯିବା ଫଳରେ ଚାଷୀ ନୂତନ ଜ୍ଞାନକୌଶଳ ତଥା ଚାଷ ପ୍ରଣାଳୀ ଜାଣିବାରୁ ବଞ୍ଚିତ ହେଉଛନ୍ତି। ଜାମୁଡିହା ଲ୍ୟାମ୍ପ ଗୃହଟି ପରିତ୍ୟକ୍ତ ଅବସ୍ଥାରେ ଥିବାରୁ ଅଳ୍ପ ବର୍ଷାରେ ମଧ୍ୟ ଛାତରୁ ପାଣି ଗଳୁଛି। ବିହନ ରଖିବାକୁ ଜାଗା ନ ଥିବାରୁ ସେହି ପରିତ୍ୟକ୍ତ ଘରେ ପଲିଥିନ ଟଣାଯାଇ ବିହନକୁ ରଖାଯାଇଛି। ଯଥା ଶୀଘ୍ର ଜାମୁଡିହା ଲ୍ୟାମ୍ପ ଗୋଦାମ ଗୃହର ପୁନରୁଦ୍ଧାର ପାଇଁ ଜାମୁଡିହା ପୂର୍ବତନ ସରପଞ୍ଚ ମୋହନ ଦାସ ଦାବି କରିଛନ୍ତି । ସେହିପରି ଶାଳଚୁଆ ଲ୍ୟାମ୍ପସଟି ଦୀର୍ଘ ଦିନ ହେବ ବନ୍ଦ ଥିବାବେଳେ ତାହା ୬ କି.ମି. ଦୂର ନୂଆସାହିରେ ଚାଲିଛି । ଶାଳଚୁଆରେ କେବଳ ଗୋଦାମ ଘର ନିର୍ମାଣ କରାଯାଇଥିଲେ ମଧ ବର୍ତ୍ତମାନ ସୁଦ୍ଧା ସେଠାରେ ବିହନ ବିକ୍ରି ଆରମ୍ଭ ହୋଇ ନାହିଁ । ତେଣୁ ସେଠାରେ ବିହନ ବିକ୍ରୟ କେନ୍ଦ୍ର ଖୋଲିବା ପାଇଁ ଚାଷୀମାନେ ଦାବି କରିଛନ୍ତି । ଏହି ବ୍ଲକ ଅଞ୍ଚଳରେ କୌଣସି ବ୍ୟବସାୟୀଙ୍କୁ ବିହନ ବିକ୍ରି ପାଇଁ ଅଦ୍ୟାବଧି ଅନୁମତି ମିଳିନାହିଁ । ଯଥାଶୀଘ୍ର ଆବଶ୍ୟକ ପରିମାଣର ବିହନ ବିଭାଗ ପକ୍ଷରୁ ଯୋଗାଇ ଦିଆଯିବା ସହିତ ଚାଷକାର୍ଯ୍ୟ ଆରମ୍ଭ ପୂର୍ବରୁ ସରକାରଙ୍କର ବିଭିନ୍ନ କୃଷକଙ୍କ ସଚେତନା କାର୍ଯ୍ୟକ୍ରମ ପ୍ରତି ଗ୍ରାମରେ କରାଯିବାକୁ ଦାବି ହେଉଛି । କପ୍ତିପଦା ଲ୍ୟାମ୍ପସର ପରିଚାଳକ ବିକାଶ ରଞ୍ଜନ ଦାଶଙ୍କୁ ପଚାରିବାରୁ ବିହନର ଅଭାବ ହୋଇ ନାହିଁ। ସମସ୍ତ ଲ୍ୟାମ୍ପସରେ ବିହନ ପହଞ୍ଚିବାର ବ୍ୟବସ୍ଥା କରାଯାଇ ମହଜୁଦ ରଖାଯାଇଛି ଏବଂ ବିକ୍ରି ମଧ୍ୟ ଚାଲିଛି ବୋଲି କହିଛନ୍ତି।



ପରିତ୍ୟକ୍ତ ଅବସ୍ଥାରେ ଜାମୁଡିହା ଲ୍ୟାମ୍ପସ ଗୋଦାମ ଘର ।

■ **ଆବଶ୍ୟକ ୯୨୭, ମିଳିଛି ୨୬୦ କୁଇଣ୍ଟାଲ**

## ରାଇରଙ୍ଗପୁରର ଶୁଭଶ୍ରୀ ରାଜ୍ୟର ଶ୍ରେଷ୍ଠ ରେଡକ୍ରସ ଜୁନିୟର

**ବାରିପଦା ଅଫିସ,୨୩।୬**

ଭୁବନେଶ୍ୱରସ୍ଥିତ ରାଜଭବନ ପରିସରରେ ଥିବା ଅଭିଷେକ ସଭାଗୃହରେ ଓଡ଼ିଶା ରାଜ୍ୟ ଜୁନିୟର ରେଡକ୍ରସ ୨୦୧୮–୧୯ବର୍ଷ ପାଇଁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଦଶମଶ୍ରେଣୀ ଛାତ୍ରୀ ଶୁଭଶ୍ରୀ ବେହୁରିଆ ଜୁନିୟର ରେଡକ୍ରସ (ଜୁନିୟର ବାଳିକା ବିଭାଗ)ର ରାଜ୍ୟର ଶ୍ରେଷ୍ଠ ଜୁନିୟର ଭାବେ ମନୋନୀତ ହୋଇଛନ୍ତି। ତାଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମାନପତ୍ର ଏବଂ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ, ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ରଞ୍ଜନ ଦାସ, ଓଡ଼ିଶା ରେଡକ୍ରସ ସୋସାଇଟିର ରାଜ୍ୟ ସଂଯୋଜିକା ମେଜର ଡ. କଳ୍ପନା ଦାସ, ଯୁବ ରେଡ୍ରକସର ରାଜ୍ୟ ସଂଯୋଜିକା ସୁମିତ୍ରା ତ୍ରିପାଠୀ, ରାଇରଙ୍ଗପୁର ବାଳିକା ଉଚ୍ଚ ବିଦ୍ୟାଳୟର ରେଡକ୍ରସ କାଉନସିଲର ସ୍ମୃତିରଞ୍ଜନ ପତି ପ୍ରମୁଖ ଉପସ୍ଥିତ ଥିଲେ।

■ ବାହାଘରର ୧୨ ଦିନ ପରେ

# ନିର୍ଯାତନା ସହ ହତ୍ୟା ଧମକ ଅଭିଯୋଗ ଆଣିଲେ ନବବଧୂ

ଭଦ୍ରକ ଅଫିସ, ୨୩।୬

ବାହାଘରର ୧୨ଦିନ ପରେ ଯୌତୁକ ନିର୍ଯାତନା ସହ ହତ୍ୟା ଧମକ ନେଇ ଅଭିଯୋଗ ଆଣିଛନ୍ତି ଜଣେ ନବବଧୂ। ଏ ନେଇ ସେ ଭଦ୍ରକ ପୁରୁଣାବଜାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତାଙ୍କ ସ୍ୱାମୀ ସମେତ ୩ ଜଣଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଅଭିଯୋଗ ଅନୁଯାୟୀ, କୁପାରୀ ଖଇରା ଅଞ୍ଚଳର ରାଧାରାଣୀ ମୁଖୀ(୨୪) ଭଦ୍ରକ ପୁରୁଣାବଜାର ଥାନା ଅଧୀନ ବାଙ୍କାବଜାର ଅଞ୍ଚଳର ଜଣେ ଯୁବକଙ୍କୁ ବୈଦିକ ରୀତିରେ ଗତ ୯ ତାରିଖରେ ବିବାହ କରିଥିଲେ। ସେତେବେଳେ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ବାହାଘର ପରେ ଅଧିକ ଯୌତୁକ ଦାବି କରି ଶାଶୁଘରେ ତାଙ୍କୁ ନିର୍ଯାତନା ଦିଆଯିବା ସହ ପୋଡ଼ି ମାରି ସାଳନ୍ଦୀ ନଦୀରେ ଭସାଇ ଦିଆଯିବ ବୋଲି ଧମକ ଦିଆଯାଇଥିବା ସେ ଦର୍ଶାଇଛନ୍ତି। ଏଭଳି ଧମକ ପରେ ସେ ତାଙ୍କ ବାପଘରକୁ ଚାଲିଯାଇଛନ୍ତି। ଅପରପକ୍ଷେ ତାଙ୍କ ଶାଶୁଘର ପକ୍ଷରୁ ବିବାହ ପୂର୍ବରୁ ଅନ୍ୟ ଝିଅକୁ ଦେଖାଇ ପରେ ରାଧାରାଣୀଙ୍କୁ ବାହା କରିଦିଆଯାଇଥିବା ଅଭିଯୋଗ କରାଯାଇଛି। ଏହାକୁ ନେଇ ଉଭୟପକ୍ଷ ଓ ବାହାଘରର ମଧ୍ୟସ୍ଥିଙ୍କ ମଧ୍ୟରେ ଆପୋଷ ସମାଧାନ ପାଇଁ ଉଦ୍ୟମ କରାଯାଇଥିଲେ ହେଁ କୌଣସି ସମାଧାନ ହୋଇପାରି ନ ଥିଲା। ରାଧାରାଣୀଙ୍କ ଅଭିଯୋଗକୁ ଭିତ୍ତିକରି ଶନିବାର ପୋଲିସ ମାମଲା (ନଂ.୧୦୬/୧୯) ରୁଜୁ କରି ତାଙ୍କ ସ୍ୱାମୀଙ୍କୁ ଅଟକ ରଖିଛି।

■ ଚାକିରି ଦେବା ନାଁରେ ଠକେଇ

# ୪ ଯୁବତୀ ସମେତ ୬ ଗିରଫ

କେନ୍ଦୁଝର,୨୩।୬ (ସ୍ୱ.ପ୍ର.)

ଏକ ମାର୍କେଟିଂ ସଂସ୍ଥା ଖୋଲି ବେକାର ଯୁବତୀଯୁବକଙ୍କୁ ଚାକିରି ଦେବା ପ୍ରଲୋଭନ ଦେଖାଇ ଠକିଥିବା ଅଭିଯୋଗରେ କେନ୍ଦୁଝର ଟାଉନ ଥାନା ପୋଲିସ ୪ ଯୁବତୀଙ୍କ ସମେତ ୬ ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

ପୋଲିସ ସୂଚନା ଅନୁଯାୟୀ କେତେକ ବ୍ୟକ୍ତି ସ୍ଥାନୀୟ ନରଣପୁର ଠାରେ ଗ୍ଲେଜ ଇଣ୍ଡିଆ ନାମକ ଏକ ମାର୍କେଟିଂ ସଂସ୍ଥା ଖୋଲି ଏଥିରେ ସ୍ଥାନୀୟ ଯୁବତୀ ଓ ଯୁବକଙ୍କୁ ଚାକିରି କରାଇଦେବାକୁ କହି ସେମାନଙ୍କଠାରୁ ମୋଟା ଅଙ୍କରେ ଟଙ୍କା ଆଦାୟ କରିଥିଲେ। ପରେ ଏହି ସଂସ୍ଥା ପକ୍ଷରୁ ନିଯୁକ୍ତି ଦିଆ ନ ଯିବାରୁ ଟଙ୍କା ଦେଇଥିବା ଯୁବତୀଯୁବକ ଠକେଇର ଶିକାର ହୋଇଥିବା ଜାଣି ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିବାପରେ ୬ ଜଣଙ୍କୁ ଗିରଫ କରିଛି। ଚଢ଼ାଉବେଳେ ଏହି ସଂସ୍ଥାରୁ ବହୁ ଲାପଟପ, ରସିଦ ବହି, ଓ ବହୁ ନଥିପତ୍ର ପୋଲିସ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କିଶୋର କୁମାର ସାମଲ, ଅମିତ କୁମାର ସାମଲ, ନନ୍ଦିନୀ ସ୍ୱାଇଁ, ଅନୁସୂୟା ମହାନ୍ତ ସୀମା ସାହୁ ଓ ବର୍ଷାରାଣୀ ପ୍ରଧାନ। ସମସ୍ତେ ଜିଲା ବାହାର ଅଞ୍ଚଳର ଲୋକ ହୋଇଥିବାରୁ ଏହା ପଛରେ ଅନ୍ୟ କାହାରି ସମ୍ପୃକ୍ତି ରହିଥିବା ନେଇ ପୋଲିସ ସନ୍ଦେହ କରି ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ଗିରଫ ଅଭିଯୁକ୍ତଙ୍କୁ ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରାଯାଇଥିବା ଟାଉନ ଥାନା ଅଧିକାରୀ ସୋମନାଥ ଜେନା ସୂଚନା ଦେଇଛନ୍ତି।

# ମୁଣ୍ଡ କାଟି ଗଛରେ ଟାଙ୍ଗିଦେଲେ

■ ଗାଁ ପାଖ ଜଙ୍ଗଲରେ ବୀଭତ୍ସ ହତ୍ୟା
■ ୨ ଦିନ ପରେ ମିଳିଲା ମୃତଦେହ
■ ହତ୍ୟାକାଣ୍ଡରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ସନ୍ଦେହ

କେନ୍ଦୁଝର,୨୩।୬(ସ୍ୱ.ପ୍ର.)

କେନ୍ଦୁଝର ଜିଲା ନୟାକୋଟ ଥାନା ସୁକଡୋଳା ଗ୍ରାମ ନିକଟ ଜଙ୍ଗଲରେ ଜଣେ ଯୁବକଙ୍କୁ ହତ୍ୟା କରି ତାଙ୍କ ମୁଣ୍ଡ କାଟି ଏକ ଗାମୁଛାରେ ଗୁଡାଇ ଗଛରେ ଟାଙ୍ଗିଦେବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ନୟାକୋଟ ଥାନା ପୋଲିସ ରବିବାର ଘଟଣାସ୍ଥଳକୁ ଯାଇ ଗଛରେ ଟଙ୍ଗା ଯାଇଥିବା କଟାମୁଣ୍ଡ ଓ ଅଳ୍ପ ଦୂରରେ ପଡ଼ିଥିବା ମୃତଦେହକୁ ଉଦ୍ଧାର କରି ତଦନ୍ତ ଜାରି ରଖିଛି। ମୃତ ଯୁବକଙ୍କ ନାମ ଭଦ୍ର ପ୍ରଧାନ (୨୪)। ତାଙ୍କ ଘର ସୁକଡୋଳା ଗ୍ରାମରେ। ପାରିପାର୍ଶ୍ୱିକ ସ୍ଥିତିରୁ ଦୁଇ ଦିନ ତଳେ ତାଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରୁଛି। ରଜ ଉତ୍ସବରେ ଦୋଳି ଗୀତ ଗାଇବାକୁ ଯାଇ ସେ ପ୍ରାୟ ସପ୍ତାହେ ହେବ ନିଖୋଜ ଥିବା ପରିବାରବର୍ଗ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ସୁକଡୋଳା ଗ୍ରାମଠାରୁ ପ୍ରାୟ ୧ କି.ମି. ଦୂର ଜଙ୍ଗଲରେ ଏହି ଯୁବକଙ୍କ ମୃତଦେହକୁ ରବିବାର ସକାଳେ ଗ୍ରାମବାସୀ ଠାବ କରି ଥାନାକୁ ଖବର ଦେଇଥିଲେ। ସଦର ଏସଡିପିଓ ଜେ.ଟପ୍ପୋ ଏବଂ ନୟାକୋଟ ଥାନା ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇ ତଦନ୍ତ କରିଥିଲେ। ଘଟଣା ସ୍ଥଳରୁ ଏକ ରକ୍ତଭିଜା ଗାମୁଛା ଜବତ କରାଯାଇଥିଲା। ପରେ ପୋଲିସର ଏକ ବିଶେଷଜ୍ଞ ଦଳ ପହଞ୍ଚି ଘଟଣାର ତଦନ୍ତ କରୁଥିବା ଜଣାପଡିଛି। ଏଭଳି ଜଘନ୍ୟ ହତ୍ୟାକାଣ୍ଡ ପଛରେ ଏକାଧିକ ଲୋକଙ୍କ ସମ୍ପୃକ୍ତି ଥିବା ପୋଲିସ ସନ୍ଦେହ କରୁଛି। ରଜ ଉତ୍ସବରେ ଭୋଜିକୁ ନେଇ ଘଟିଥିବା ଗଣ୍ଡଗୋଳ ହତ୍ୟାକାଣ୍ଡର କାରଣ ହୋଇଥାଇପାରେ ବୋଲି ଗ୍ରାମବାସୀଙ୍କ ସୂଚନାକୁ ଆଧାର କରି ପୋଲିସ କହିଛି।

ଏସଡିପିଓ ଟପ୍ପୋଙ୍କୁ ପଚାରିବାରୁ କହିଛନ୍ତି, ଏହି ବୀଭତ୍ସ ହତ୍ୟାକାଣ୍ଡର କାରଣ ଜାଣିବା ପାଇଁ ପଚରାଉଚରା ଜାରି ରହିଛି। ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ବିଭିନ୍ନ ଦିଗକୁ ତର୍ଜମା କରି ତଦନ୍ତ କରାଯାଉଛି। ଖୁବ ଶୀଘ୍ର ହତ୍ୟାକାରୀମାନେ ଧରାପଡିବେ ବୋଲି ସେ କହିଛନ୍ତି। ପୋଲିସ ଏନେଇ ଥାନାରେ ଏକ ହତ୍ୟା ମାମଲା (ନଂ.୧୬/୨୦୧୯) ରୁଜୁ କରିଛି। ଏହି ବୀଭତ୍ସ ହତ୍ୟା ଘଟଣା ସମ୍ପୃକ୍ତ ଅଞ୍ଚଳବାସୀଙ୍କୁ ସ୍ତବ୍ଧ କରିଦେଇଛି। ଗାଁରେ ଭୟ ଓ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡ଼ିଛି।













See Career Appointment on every Wednesday & Saturday

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ